# ଗ୍ରାମ ଜଳ, ପରିମଳ, ଓ ପରିଚ୍ଛନ୍ନତା ଯୋଜନା

## ପ୍ରସ୍ତୁତି ପ୍ରଣାଳୀ




ବିକାଶ ରଥ
ହେମନ୍ତ କୁମାର ନାୟକ

ରିଜିଓନାଲ ସେଣ୍ଟର୍ ଫର୍ ଡେଭେଲପମେଣ୍ଟ୍ କୋଅପରେସନ୍
ଭୁବନେଶ୍ୱର

ପରିମଳ କୂପ(Sanitary Well)ର ଦୁଇ ନମୂନା । କୂଅ ଓ ତା'ର ଚାରିପାଖ ପରିଷ୍କାର ପରିଚ୍ଛନ୍ନ ରହିବା ଏବଂ କୂଅ ପାଖରେ ନର୍ଦ୍ଦମା କିମ୍ବା ପାଇଖାନା ଆଦି ନ ରହିବା ସହିତ କୂଅ ଭିତରକୁ ପବନରେ ଉଡ଼ି ଆସିଥିବା କୌଣସି ପତ୍ର ବା ଧୂଳି ଆଦି ନ ପଶିବା ପାଇଁ ବ୍ୟବସ୍ଥା ରହିବା ଉଚିତ ନିଶ୍ଚୟ, ତେବେ କୂଅର ମୁହଁ ଖୋଲା ରହିଲେ ଭୂତଳ ଜଳର ପୁନଃଭରଣା (recharge) ହୋଇଥାଏ । ଉପର ଛବିଟିରେ ମୋଟର ଲଗାଇ କୂଅର ପାଣି ଏକ ଟାଙ୍କିକୁ ଉଠାଇ ନେଇ ଲୋକଙ୍କୁ ଛୋଟ କଳ (tap) ମାଧ୍ୟମରେ ଯୋଗାଇ ଦିଆଯାଉଛି (ଏଥିପାଇଁ ଗ୍ରାମବାସୀ ବ୍ୟବହାର ଶୁଳ୍କ ହିସାବରେ ଘର ପ୍ରତି ମାସିକ ପ୍ରାୟ ୧୦ଟଙ୍କା  ଦେଇଥା'ନ୍ତି ଯାହା ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ହୋଇଥାଏ) ଯାହା ବିଶେଷତଃ ମହିଳାଙ୍କ ପାଇଁ ଖୁବ୍ ସୁବିଧାଜନକ (ସେମାନେ ଛଣା ବ୍ୟବହାର କରୁଥିବା ଲକ୍ଷ୍ୟ କରନ୍ତୁ) । ତେବେ କଳ ଚାରିପାଖ କାନ୍ଥରେ ଚିକ୍କଣ ଟାଇଲ୍ ଲଗାଇ ଦିଆଗଲେ ଆଉ ଶିଉଳି ଲାଗିବ ନାହିଁ ଏବଂ ପରିଷ୍କାର ରହିପାରିବ ।







# ଗ୍ରାମ ଜଳ, ପରିମଳ, ଓ ପରିଚ୍ଛନ୍ନତା ଯୋଜନା

## ପ୍ରସ୍ତୁତି ପ୍ରଣାଳୀ

ବିକାଶ ରଥ

ହେମନ୍ତ କୁମାର ନାୟକ

ପ୍ରକାଶକ :

ରିଜିଓନାଲ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

ଭୁବନେଶ୍ୱର

**ଗ୍ରାମ ଜଳ, ପରିମଳ, ଓ ପରିଚ୍ଛନ୍ନତା ଯୋଜନା: ପ୍ରସ୍ତୁତି ପ୍ରଣାଳୀ**

© ୨୦୧୮ : ସର୍ବସ୍ୱତ୍ୱ ସଂରକ୍ଷିତ

ପ୍ରଥମ ପ୍ରକାଶ : ଜୁଲାଇ ୨୦୧୮

ପ୍ରକାଶକ : ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍ (ଆରସିଡିସି)
ଏଚ୍‌ଆଇଜି-୨୬, କେ-୬, ଫେଜ୍-୨, କଳିଙ୍ଗ ବିହାର, ଭୁବନେଶ୍ୱର-୭୫୧୦୧୯ (ଓଡ଼ିଶା)
ଟେଲିଫୋନ୍: (୦୬୭୪) ୨୪୭୫୪୧୦, ୨୪୭୫୬୫୨
ଇ-ମେଲ: rcdcbbsr@gmail.com, ୱେବ୍‌ସାଇଟ୍: https://www.rcdcindia.org

ଲେଖକ : ବିକାଶ ରଥ, ହେମନ୍ତ କୁମାର ନାୟକ

ଅକ୍ଷରସଜ୍ଜା : ଗାୟତ୍ରୀ ହରିଚନ୍ଦନ

ଅଳଙ୍କରଣ : ରାମକୃଷ୍ଣ ମହାରଣା

ମୁଦ୍ରଣ : ପରଫେକ୍ଟ ପ୍ରିଣ୍ଟ ଆଣ୍ଡ ଗ୍ରାଫିକ୍ସ ପ୍ରା. ଲିଃ, ଭୁବନେଶ୍ୱର

ଆରସିଡିସିର ଏହି ଅସାମାନ୍ୟ ପ୍ରକାଶନଟିର ବର୍ତ୍ତମାନ ସଂସ୍କରଣଟି ଚୋଳମଣ୍ଡଳମ୍ ଇନ୍‌ଭେଷ୍ଟ୍‌ମେଣ୍ଟ୍ ଆଣ୍ଡ ଫାଇନାନ୍ସ କମ୍ପାନୀ ଲିମିଟେଡ୍, ଚେନ୍ନାଇଙ୍କ ଆର୍ଥିକ ସହାୟତାରେ ମୁଦ୍ରିତ ହୋଇଅଛି ।

---

***Grama Jala, Parimala O' Parichhannata Jojana: Prastuti Pranali***

(Preparing Village WASH Plan : Formats & Methodology)

© 2018: Regional Centre for Development Cooperation

First Published : July, 2018

Publisher : Regional Centre for Development Cooperation
HIG-26, K-6, Phase-II, Kalinga Vihar, Bhubaneswar-751019 (Odisha)
Tel: +91 (674) 2475410, 2475652
E-mail: rcdcbbsr@gmail.com, Website: https://www.rcdcindia.org

Authors : Bikash Rath, Hemant Kumar Nayak

DTP : Gayatri Harichandan

Graphics : Ramakrishna Maharana

Printed at : Perfect Print & Graphics Pvt. Ltd, Bhubaneswar

***The current version of this exclusive publication of RCDC has been printed for free distribution as an IEC material, with support from Cholamandalam Investment & Finance Company Ltd, Chennai under their CSR initiative.***

# ମୁଖବନ୍ଧ

ଜଳ, ପରିମଳ ଓ ପରିଚ୍ଛନ୍ନତା ଆମ ଜୀବନ ତଥା ପରିବେଶ ଲାଗି ଏକ ବ୍ୟାପକ ତଥା ଦୀର୍ଘକାଳୀନ ତାତ୍ପର୍ଯ୍ୟ ବହନ କରେ । ଜଳ ହିଁ ଜୀବନ ସତ, କିନ୍ତୁ ସେ ଜୀବନକୁ ସୁସ୍ଥ ରଖିବା ପାଇଁ ପରିମଳ ଓ ପରିଚ୍ଛନ୍ନତା ମଧ୍ୟ ଅପରିହାର୍ଯ୍ୟ ।

ଏହି ପରିପ୍ରେକ୍ଷୀରେ ବ୍ୟକ୍ତି, ସମାଜ ତଥା ସରକାର ସମସ୍ତଙ୍କର ଦାୟିତ୍ୱ ରହିଛି । ବ୍ୟକ୍ତିଙ୍କୁ ଆଗ୍ରହୀ ଓ ଉତ୍ସାହୀ ହେବାର ଅଛି, ଉତ୍ତମ ଅଭ୍ୟାସମାନ ପାଳନ କରିବାରେ ନିଷ୍ଠାପର ହେବାକୁ ଅଛି । ସମାଜକୁ ଗୋଷ୍ଠୀଗତ ଉଦ୍ୟମ କରିବାକୁ ଅଛି ; ଯାହା ବ୍ୟକ୍ତିଗତ ସାମର୍ଥ୍ୟର ବାହାରେ କିନ୍ତୁ ଗୋଷ୍ଠୀଗତ ଉଦ୍ୟମରେ ସମ୍ଭବପର, ସେଭଳି କାର୍ଯ୍ୟକ୍ରମ ଗ୍ରହଣ କରି ନିଜ ଗ୍ରାମ ବା ସହରର ସୁସ୍ଥ ପରିବେଶ ଏବଂ ନିରାପତ୍ତା ପାଇଁ ପ୍ରୟାସ କରିବାକୁ ଅଛି । ଅପର ପକ୍ଷରେ, ଯାହା କିଛି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସାମର୍ଥ୍ୟ ମଧ୍ୟରେ ଆପାତତଃ ସମ୍ଭବପର ନୁହେଁ, ସେସବୁ ପାଇଁ ସରକାରଙ୍କୁ ଯୋଜନା ତଥା ଖର୍ଚ୍ଚ କରିବାର ଆବଶ୍ୟକତା ରହିଛି । ଏବଂ ଏ ସମସ୍ତ କ୍ଷେତ୍ରରେ ସ୍ୱେଚ୍ଛାସେବୀ ବା ସାମାଜିକ କର୍ମୀମାନେ ପୃଷ୍ଠପୋଷକତା କରି ବ୍ୟକ୍ତି, ସମାଜ ଓ ସରକାରଙ୍କୁ ନିଜ ନିଜ କର୍ତ୍ତବ୍ୟ କରିବା ଦିଗରେ ଆଗେଇ ନେବାର ଅଛି ।

ଆମର ଏଇ ପୁସ୍ତିକାଟି ସେ ଦିଗରେ ଏକ କ୍ଷୁଦ୍ର ପ୍ରୟାସ । ସହକର୍ମୀ ହେମନ୍ତ କୁମାର ନାୟକ ଯେତେବେଳେ ଗ୍ରାମସ୍ତରୀୟ ଜଳ, ପରିମଳ ଓ ପରିଚ୍ଛନ୍ନତା ଯୋଜନାର ଗୋଟିଏ ପ୍ରାରମ୍ଭିକ କ୍ରମରୂପ (format) ଆଣି ଦେଖାଇଲେ, ସେତେବେଳେ ଅନୁଭବ ହେଲା ଯେ, ଉପଯୁକ୍ତ ମାର୍ଗଦର୍ଶିକା ତଥା ଅନ୍ୟ କେତେକ ପରିମାର୍ଜନ ତଥା ପରିବର୍ଦ୍ଧନ ବିନା ଗ୍ରାମବାସୀ ତଥା ସେମାନଙ୍କର ପୃଷ୍ଠପୋଷକ ସ୍ୱେଚ୍ଛାସେବୀମାନେ ଏହାକୁ ଠିକ୍ ଭାବେ ଅନୁସରଣ କରିପାରିବେ ନାହିଁ । ସେଥିପାଇଁ ଏହି ମାର୍ଗଦର୍ଶୀ ପୁସ୍ତିକାଟି ଲେଖିବାକୁ ହେଲା ।

ସାଧାରଣତଃ ଜଳ, ପରିମଳ ଓ ପରିଚ୍ଛନ୍ନତା ପ୍ରସଙ୍ଗରେ ପ୍ରଧାନ ଗୁରୁତ୍ୱ ଜଳ ପାଇଥାଏ, ପରିମଳ କଥା ତା’ ପଛକୁ ରହିଯାଏ, ଏବଂ ପରିଚ୍ଛନ୍ନତା କଥା ଶେଷ ପର୍ଯ୍ୟନ୍ତ ଗୌଣ ହୋଇ ରହିଯାଏ । ଏଇ ପୁସ୍ତିକାରେ କିନ୍ତୁ ପ୍ରତ୍ୟେକକୁ ଉପଯୁକ୍ତ ଗୁରୁତ୍ୱ ଦେବାର ଚେଷ୍ଟା କରାଯାଇଛି । ଆଉ ମଧ୍ୟ ଗୋଟିଏ ନମୂନା ପରିମଳ ମାନଚିତ୍ର ପ୍ରସ୍ତୁତ କରି ତା’ର ଚିତ୍ର ଦିଆଯାଇଛି ଯାହା ପୂର୍ବରୁ ଅନ୍ୟ କେଉଁଠି କରାଯାଇଥିବାର ସୂଚନା ଆମେ ପାଇନାହୁଁ, ତେଣୁ ସେ ଦୃଷ୍ଟିରୁ ଏହା ଆର୍‌ସିଡ଼ିସିର ଏକ ଅଭିନବ ପ୍ରୟାସ ବୋଲି କୁହାଯାଇପାରିବ ।

ମନେ ରଖିବାକୁ ହେବ ଯେ ଏଇ ପୁସ୍ତିକାଟି ମୁଖ୍ୟତଃ ପରାମର୍ଶମୂଳକ ଏବଂ ଏଥିରେ ବାଧ୍ୟବାଧକତା କିଛି ନାହିଁ । ଗ୍ରାମବାସୀ ଚାହିଁଲେ ନିଜର ଜଳ, ପରିମଳ ଓ ପରିଚ୍ଛନ୍ନତା ଯୋଜନାରେ ଅନ୍ୟାନ୍ୟ ଉପଯୋଗୀ ତଥ୍ୟ ଯୋଡ଼ିପାରିବେ ; ଯେଉଁ ସାରଣୀ (table) ଦିଆଯାଇଛି, ତା’କୁ ଅଧିକ ବଢାଇ ପାରିବେ ।

ନିଜ ଯୋଜନା ନିଜେ କଲେ ଦାୟିତ୍ୱବୋଧ ବଢିବା ସହିତ ଅନେକ ବିଷୟ ଜାଣି ହୁଏ, ଏପରିକି ନିଜର ଦୋଷତ୍ରୁଟି/ଦୁର୍ବଳତା ତଥା ସାମର୍ଥ୍ୟ ଓ ସମ୍ଭାବନା ମଧ୍ୟ ବୁଝି ହୁଏ, ଯାହା ବାସ୍ତବବାଦୀ ହେବାରେ ସାହାଯ୍ୟ କରିଥାଏ । ତେଣୁ ଆଶା କରାଯାଏ ଯେ ଏଇ ପୁସ୍ତିକାଟି ନାନା ଦିଗରୁ ସଂପୃକ୍ତ ପକ୍ଷମାନଙ୍କ (ଗ୍ରାମବାସୀ, ସେଚ୍ଛାସେବୀ, ପଞ୍ଚାୟତ, ସରକାର ଇତ୍ୟାଦି) ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ।

ଏହି ପୁସ୍ତିକା ସଂକଳନର ପରୋକ୍ଷ ଶ୍ରେୟଃ କିଛି ପରିମାଣରେ ଆର୍‌ସିଡିସିର ଦୀର୍ଘକାଳୀନ ସହଯୋଗୀ ତଥା ଜଳ, ପରିମଳ ଓ ପରିଚ୍ଛନ୍ନତା ଉପରେ ବିଶେଷ ଭାବେ ଏବଂ ବିଶ୍ୱବ୍ୟାପୀ କାର୍ଯ୍ୟ କରୁଥିବା ସଂସ୍ଥା ୱାଟର୍‌ଏଡ୍‌କୁ ଯିବ, କାରଣ ସେମାନଙ୍କ ସହିତ କାର୍ଯ୍ୟ କରିବା ଦ୍ୱାରା ସୃଷ୍ଟି ହୋଇଥିବା ବ୍ୟାପକ ଅଭିଜ୍ଞତା ତଥା ଦୂରଦୃଷ୍ଟି ଏହି ସଂକଳନଟିକୁ ପରିପୁଷ୍ଟ କରିବା ପାଇଁ ସାହାଯ୍ୟ କରିଛି । ତେଣୁ ଏହି ଅବସରରେ ଆମେ ଆମର ସେହି ସହଯୋଗୀଙ୍କ ପ୍ରତି ଧନ୍ୟବାଦ ଜଣାଉଛୁ ।

ଯେହେତୁ ଏହି ପୁସ୍ତିକା ଏକ ଅଭିନବ ତଥା ବହୁ-ଉପଯୋଗୀ ଉଦ୍ୟମ, ତେଣୁ ଏହାର ଇଂରାଜୀ ସଂସ୍କରଣ ପାଇଁ ମଧ୍ୟ ଆମର ଯୋଜନା ରହିଛି । ଯଦି ଏ ସମ୍ପର୍କରେ କେହି କୌଣସି ଗଠନମୂଳକ ମତାମତ ଅଥବା ପରାମର୍ଶ ଦେବାକୁ ଚାହାଁନ୍ତି, ତେବେ ଆମକୁ ଫୋନ, ଚିଠି ଅଥବା ଇ-ମେଲ୍ ମାଧ୍ୟମରେ ଯଥା ଶୀଘ୍ର ପଠାଇବାକୁ ଅନୁରୋଧ ।

**ବିକାଶ ରଥ**

**ପ୍ରକଳ୍ପ ପରିଚାଳକ**

# ଗ୍ରାମ ଜଳ ପରିମଳ ଓ ପରିଚ୍ଛନ୍ନତା ଯୋଜନା : ପ୍ରସ୍ତୁତି ପ୍ରଣାଳୀ
# ଆର୍ଥିକ ବର୍ଷ : ୨୦____-____

ଗ୍ରାମ/ପଡ଼ା : ..........................................................................

ପଞ୍ଚାୟତ : ..........................................................................

ବ୍ଲକ : ..........................................................................

ଜିଲ୍ଲା : ..........................................................................

ରାଜ୍ୟ : ଓଡ଼ିଶା

## ଲକ୍ଷ୍ୟ ଓ ଆଭିମୁଖ୍ୟ :

୧) ଗ୍ରାମ୍ୟ ଜଳଯୋଜନା ସମ୍ପର୍କରେ ଆମେ ଗ୍ରାମବାସୀମାନେ କ'ଣ ବୁଝୁଛୁ ଏବଂ ଏହାର ଆବଶ୍ୟକତା କାହିଁକି ରହିଛି ବୋଲି ଅନୁଭବ କରୁଛୁ ?

୨) ଏ ଯୋଜନା ବାହାର ଲୋକେ/ସଂସ୍ଥା/ସରକାର ନ କରି ଆମେ ନିଜେ କରିବା ଉଚିତ କାହିଁକି ?

## ଗ୍ରାମ୍ୟ ପରିସ୍ଥିତିର ଓ ବିଶ୍ଳେଷଣ :

- ମୋଟ ଘର ସଂଖ୍ୟା
- ମୁଖ୍ୟ ଜୀବିକା
- ଦାରିଦ୍ର୍ୟ ସୀମାରେଖା ତଳେ ଚିହ୍ନଟ ପରିବାର ସଂଖ୍ୟା
- ରିହାତି ଚାଉଳ ପାଉଥିବା ପରିବାର ସଂଖ୍ୟା
- ଗ୍ରାମରେ ସମସ୍ତେ ମିଳିମିଶି ଚଳନ୍ତି କି ?
- ଜାତିଗତ ବା ଧର୍ମଗତ ବିଭେଦ କିଛି ଦେଖାଯାଏ କି (ଯଥା : ବ୍ରାହ୍ମଣପଡ଼ାର କୂଅରୁ ଅନ୍ୟ ଜାତିର ଲୋକେ ପାଣି ନିଅନ୍ତି କି ?)
- ଗ୍ରାମରେ କେଉଁମାନେ ଅଧିକ ରୋଗଗ୍ରସ୍ତ (ପୁରୁଷ/ମହିଳା, ଶିଶୁ : ରୋଗର ନାମ ମଧ୍ୟ ଲେଖନ୍ତୁ)
- ନିଶାଦ୍ରବ୍ୟ ବ୍ୟବହାର ଜନିତ ସମସ୍ୟା ଅଛି କି ?
- ଗ୍ରାମରେ ପ୍ରତି ବର୍ଷ କରି ପ୍ରକାର ବିପଦ ଆସିଥାଏ (ବନ୍ୟା ଆଦି) ଏବଂ ତା'ର ପ୍ରତିକାର ପାଇଁ କି ବ୍ୟବସ୍ଥା ଅଛି ?

## ଯୋଜନା ପ୍ରସ୍ତୁତିରେ ବ୍ୟବହାର କରାଯାଇଥିବା ପଦ୍ଧତି ଓ ସୋପାନ :

୧) ପଦ୍ଧତି (ଏଥିରେ କେଉଁ ପଦ୍ଧତିମାନ ବ୍ୟବହାର କରାଯାଇଛି ଯଥା : ଦଳଗତ ଆଲୋଚନା, ସାମାଜିକ ମାନଚିତ୍ର, ସମ୍ବଳ ମାନଚିତ୍ର ଆଦି)

୨) ସୋପାନ (ପ୍ରଥମେ କ'ଣ କରାଗଲା : ଦ୍ୱିତୀୟ ପର୍ଯ୍ୟାୟରେ କ'ଣ କରାଗଲା, ତୃତୀୟ ପର୍ଯ୍ୟାୟରେ କ'ଣ କରାଗଲା ଇତ୍ୟାଦି) । ପ୍ରତି ପର୍ଯ୍ୟାୟର ତାରିଖ ଦିଆଯାଇ ପାରିଲେ ଭଲ ।

## ଗ୍ରାମର ସାଧାରଣ ସୂଚନା :

୧) ଏହା ରାଜସ୍ୱ ଗ୍ରାମ ନା ପଡ଼ା ଗ୍ରାମ ? ଯଦି ପଡ଼ା ଗ୍ରାମ, ତେବେ ରାଜସ୍ୱ ଗ୍ରାମଟି କ'ଣ ?

୨) ଏହାର କେତେ ପୁରାତନ ?

୩) ଜିଲ୍ଲା ସଦର ମହକୁମାଠାରୁ ଏହା କେତେ ଦୂର ?

୪) ଏଠାକୁ କିଭଳି ଗମନାଗମନ ବ୍ୟବସ୍ଥା ରହିଛି (ପକ୍କା ସଡ଼କ, ରେଳ ପଥ ଇତ୍ୟାଦି)

## ଗ୍ରାମର ଭୌଗୋଳିକ ଅବସ୍ଥିତି :

- ଏହା ଏକ ପାହାଡ଼ିଆ ଗ୍ରାମ ନା ସମତଳ ଗ୍ରାମ ?
- ପାହାଡ଼ ଯଦି ଥାଏ, ତେବେ କେଉଁ ଦିଗରେ କେଉଁ ପାହାଡ଼ ରହିଛି, କେତେ ଦୂରରେ ରହିଛି, ଏବଂ ସେଥିରେ କ'ଣ ସବୁ ରହିଛି (ଜଙ୍ଗଲ, ଝରଣା, ବନ୍ୟଜନ୍ତୁ ଇତ୍ୟାଦି)
- ପାହାଡ଼ରେ ଚାଷ ଜମି ବା ବଗିଚା ବା ଜନବସତି ଅଛି କି ? ଯଦି ହଁ, କେଉଁ ପାହାଡ଼ରେ କ'ଣ ରହିଛି (ବଗିଚା ଆଦି) ?
- ନଦୀ ଓ ଝରଣା ଯଦି ଅଛି, ତେବେ ସେମାନଙ୍କ ନାମ, ଦିଗ ଓ ଚିରସ୍ରୋତା କି ଖରସ୍ରୋତା । କେଉଁ ନଦୀ, ଝରଣା କି କାମରେ କାମରେ ଲାଗେ ?
- ପୋଖରୀ ଓ ଅନ୍ୟାନ୍ୟ ଜଳାଶୟ ଯଦି ଥାଏ, ସେଗୁଡ଼ିକର ନାମ, ଦିଗ, କେତେ ମାସ ପାଣି ରହେ ଏବଂ କି କାମରେ ଲାଗେ ?
- କି ପ୍ରକାର ଚାଷ ଜମି, କେତେ ପରିମାଣରେ ଓ କେଉଁ ଦିଗରେ ରହିଛି ; ସେଠାରେ କ'ଣ ଚାଷ ହୁଏ, ଜଳସେଚନ ସୁବିଧା ଅଛି କି ?
- କି ପ୍ରକାର ଜଙ୍ଗଲ ଓ କେତେ ଏକରରେ ରହିଛି ? ସେଗୁଡ଼ିକର ନାମ, ମାନ (ଘଞ୍ଚ/ପତଳା, ବଡ଼/ଛୋଟ, ଶାଳ, ମିଶ୍ରିତ, ଇତ୍ୟାଦି) ସେଇଥିରେ ଦେଖାଯାଉଥିବା ମୁଖ୍ୟ ଗଛଲତା ଓ ପଶୁପକ୍ଷୀ ଏବଂ ସେଗୁଡ଼ିକୁ (ଜଙ୍ଗଲ) ଗ୍ରାମବାସୀ କେଉଁଥି ପାଇଁ ବ୍ୟବହାର କରନ୍ତି ?
- ଅନ୍ୟାନ୍ୟ

**ଜନସଂଖ୍ୟା :**

| ଅନୁସୂଚିତ ଜନଜାତି (ଆଦିବାସୀ) | | | ଅନୁସୂଚିତ ଜାତି | | | ଅନ୍ୟାନ୍ୟ | | | ମୋଟ | | |
|---|---|---|---|---|---|---|---|---|---|---|---|
| ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ | ପୁରୁଷ | ମହିଳା | ମୋଟ |
| | | | | | | | | | | | |

**ଘରର ପ୍ରକାର :**

| ମାଟି କାନ୍ଥ (ପାଳ ଘର) | ମାଟି କାନ୍ଥ (ଖପର ଘର) | ପକ୍କା କାନ୍ଥ (ଖପର ଘର) | ପକ୍କା କାନ୍ଥ (ଛାତ ଘର) |
|---|---|---|---|
| | | | |

**ଅର୍ଥନୈତିକ ଅବସ୍ଥା (ଘର ସଂଖ୍ୟା) :**

| ଧନୀ | ମଧ୍ୟବିତ୍ତ | ଗରିବ | ଅତି ଗରିବ |
|---|---|---|---|
| | | | |

**ଜୀବିକା :**

| ଜୀବିକାର ପ୍ରକାର (କୃଷି, ବ୍ୟବସାୟ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ଚାକିରୀ, ଶ୍ରମଜୀବୀ, ଦାଦନ ଇତ୍ୟାଦି | ଘର ସଂଖ୍ୟା |
|---|---|
| | |
| | |
| | |
| | |
| | |

## ଜମିର ପ୍ରକାର (ଏକରରେ):*

| ଆଟ | ମାଲ | ବେର୍ଣ୍ଣା | ବାହାଲ | ଅନ୍ୟାନ୍ୟ | ମୋଟ |
|---|---|---|---|---|---|
| | | | | | |

## ପ୍ରାଣୀ ଧନ:

| ଗୃହପାଳିତ ପ୍ରାଣୀଙ୍କ ନାମ (ଗାଈ, ବଳଦ, କୁକୁଡ଼ା ଇତ୍ୟାଦି) | ସଂଖ୍ୟା |
|---|---|
| | |
| | |
| | |

## ମାଟିର ପ୍ରକାର:

| |
|---|
| |

## କୃଷି:

| ଖରିଫ ଫସଲ | | ରବି ଫସଲ | |
|---|---|---|---|
| ଫସଲ | କେତେ ଘର | ଫସଲ | କେତେଘର |
| | | | |

* ଏଠାରେ ପଶ୍ଚିମାଞ୍ଚଳରେ ପ୍ରଚଳିତ ଜମିର ଶ୍ରେଣୀ ବିଭାଗ ଦିଆଯାଇଛି । ଅନ୍ୟ ଅଞ୍ଚଳର ଗ୍ରାମବାସୀ ନିଜ ଅଞ୍ଚଳରେ ପ୍ରଚଳିତ ଶ୍ରେଣୀ ବିଭାଗ (ଯଥା: ପାଟ ଜମି, ଡିପ ଜମି ଇତ୍ୟାଦି) ବ୍ୟବହାର କରିବା ଉଚିତ ।

## ସ୍ୱାସ୍ଥ୍ୟ ଓ ପରିମଳ :

- କେତେ ଘର ବାହାରେ ମଳତ୍ୟାଗ କରନ୍ତି ?
- ଶୌଚ ହେବା ପାଇଁ କ'ଣ କରନ୍ତି ? ସାଥୀରେ ପାଣି ନେଇ ଯା'ନ୍ତି ନା ନଦୀ, ପୋଖରୀକୁ ଯା'ନ୍ତି ? ଯଦି ପୋଖରୀକୁ ଯା'ନ୍ତି, ସେଇ ପୋଖରୀ ପାଣିକୁ ପିଇବା ଅଥବା ଗାଧୋଇବା ପାଇଁ ବ୍ୟବହାର କରନ୍ତି କି ?
- କେତେ ଘର ଲୋକ ସାବୁନରେ ହାତ ଧୁଅନ୍ତି ଓ କେତେ ଘର ମାଟିରେ ?
- ପାଇଖାନା ସଫା କରିବା ପାଇଁ କିଛି କରନ୍ତି କି (ଫିନାଇଲ୍ ଆଦି ଢାଳି) ? ଯଦି ହଁ, କ'ଣ ଓ କେତେ ଘର ?
- ପଶୁମାନଙ୍କୁ କେଉଁଠାରେ ଗାଧୋଇ ଥା'ନ୍ତି ? ସେ ପାଣି ନିଜେ ପିଇବା/ଗାଧୋଇବା ପାଇଁ ବ୍ୟବହାର କରନ୍ତି କି ?
- ଗ୍ରାମରେ ମଇଳା ପାଣି ଜମି ରହି ମଶା ହେବା ଭଳି କିଛି ଅଛି କି ? ଯଦି ହଁ, କେଉଁଠି, କାହିଁକି ଓ ତା'ର ପ୍ରତିକାର ବ୍ୟବସ୍ଥା କିଛି କରାଯାଉଛି କି ?
- କେତେ ଘର ଲୋକ ମଶାରୀ ଟାଙ୍ଗି ଶୁଅନ୍ତି ?
- ଭିନ୍ନକ୍ଷମ  ପରିବାର ସଂଖ୍ୟା କେତେ ?
- କେତେ ଭିନ୍ନକ୍ଷମ ପରିବାରରେ ସ୍ୱତନ୍ତ୍ର (କମୋଡ) ପାଇଖାନା ଅଛି ?
- ଚ଼ଲି ପାରୁ ନ ଥିବା ବୟସ୍କ ଲୋକେ ପାଇଖାନା ଯା'ନ୍ତି କି ? ଯଦି ହଁ, କେତେ ଘର ଓ କିପରି ?
- ପିଇବା ପାଣିକୁ ଘୋଡ଼ାଇ ରଖନ୍ତି କି ?
- ପିଇବା ପାଣିକୁ ହାତ ବୁଡ଼ାଇ କାଢ଼ନ୍ତି କି ?
- ହାତ ଧୋଇ ରୋଷେଇ କରନ୍ତି କି ?
- କାଟିବା ପୂର୍ବରୁ ବା ପରେ ପରିବାକୁ ଧୁଅନ୍ତି କି ?
- ଶିଶୁଙ୍କର ମଳ କେଉଁଠି ପକାନ୍ତି ?

ପାନୀୟ  ଜଳର ସ୍ଥିତି :

- ଗ୍ରାମରେ ପାନୀୟ ଜଳର ସ୍ଥିତି କ'ଣ (ବେଶ୍ ଭଲ/ଭଲ/ସେତେ ଭଲ ନୁହେଁ/ଖରାପ/ଅତି ଖରାପ) ? ବୁଝାଇ ଲେଖନ୍ତୁ।
- ପାନୀୟ ଜଳର କେଉଁ ଉତ୍ସକୁ ଅଧିକାଂଶ ଲୋକ ବ୍ୟବହାର କରନ୍ତି ଓ କାହିଁକି ?
- କେଉଁ ଉତ୍ସ ବ୍ୟବହାର ହୁଏ ନାହିଁ ଓ କାହିଁକି ?
- କେଉଁ ଉତ୍ସ କେବଳ ଖରାଦିନରେ ବ୍ୟବହାର ହୁଏ ଓ କାହିଁକି ?
- କେଉଁ ଉତ୍ସ କେବଳ ଶୀତ ଋତୁରେ ବ୍ୟବହାର ହୁଏ ଓ କାହିଁକି ?
- କେଉଁ ଉତ୍ସ କେବଳ ବର୍ଷା ଋତୁରେ ବ୍ୟବହାର ହୁଏ ଓ କାହିଁକି ?
- କେଉଁ ଉତ୍ସ ସବୁ ଋତୁରେ ବ୍ୟବହାର ହୋଇଥାଏ ?
- ଫ୍ଲୋରାଇଡ କିମ୍ବା ଅନ୍ୟ କିଛି ସମସ୍ୟା ଅଛି କି ? ଯଦି ହଁ, କ'ଣ, କେଉଁଠି ଓ କେବେ ଠାରୁ ?
- ଏଥିପାଇଁ କି ପ୍ରତିକାର ବ୍ୟବସ୍ଥା ଅଛି ?
- କେତେ ଘର ଲୋକ ଫିଲ୍‌ଟର୍ (ଜଳ ବିଶୋଧନ ଉପକରଣ) ବ୍ୟବହାର କରନ୍ତି ?
- ଅଧିକାଂଶ ଘରେ କି ପ୍ରକାର ଫିଲ୍‌ଟର୍ ବ୍ୟବହାର ହୁଏ ?

## ଜଳ ସମ୍ପଦର ବିବରଣୀ

| ଜଳଉତ୍ସ ବା ଜଳାଶୟର ନାମ | ବର୍ତ୍ତମାନର ମାଲିକ | ଜଳଧାରଣର କ୍ଷମତା (ଲିଟର) | ବର୍ତ୍ତମାନର ସ୍ଥିତି ବା ସମସ୍ୟା (ପାଣି କମିଛି, ଖରାଦିନେ ଶୁଖିଯାଉଛି ଇତ୍ୟାଦି) | କି ପ୍ରକାରେ ବ୍ୟବହାର ହେଉଛି | କ'ଣ କରାଯିବା ଆବଶ୍ୟକ ହେଉଛି (ସଫା କରିବା, ପଙ୍କ ବାହାର କରିବା, ଚାନ୍ଦିନୀ କରିବା ଇତ୍ୟାଦି) | ଏଥିପାଇଁ ଆନୁମାନିକ କେତେ ଖର୍ଚ୍ଚ ହେବ (ଯଦି ଗ୍ରାମବାସୀ ବିନା ଖର୍ଚ୍ଚରେ ନିଜେ କରିଦେଇ ପାରିବେ, ତା'ହେଲେ ଖୁବ୍ ଭଲ) |
|---|---|---|---|---|---|---|
| | | | | | | |
| | | | | | | |
| | | | | | | |
| | | | | | | |

## ପରିମଳ ବ୍ୟବସ୍ଥାର ସ୍ଥିତି :

- ପାଇଖାନା ଥିବା ପରିବାର ସଂଖ୍ୟା :........
- ପାଇଖାନା ବ୍ୟବହାର କରୁଥିବା ପରିବାର ସଂଖ୍ୟା :........
- ପାଇଖାନା ନଥିବା ପରିବାର ସଂଖ୍ୟା :........
- ସ୍କୁଲରେ ଥିବା ପାଇଖାନାର ସଂଖ୍ୟା ଏବଂ ଏଥିରୁ କେତୋଟି ବ୍ୟବହାର ଉପଯୋଗୀ :........
- ଅଙ୍ଗନୱାଡ଼ିରେ ଥିବା ପାଇଖାନାର ସଂଖ୍ୟା ଏବଂ ଏଥିରୁ କେତୋଟି ବ୍ୟବହାର ଉପଯୋଗୀ :........
- ନିଜେ ପାଇଖାନା ତିଆରି କରିବା ପାଇଁ ଇଚ୍ଛୁକ ଥିବା ପରିବାର ସଂଖ୍ୟା :........
- ନିଜେ ବର୍ତ୍ତମାନର ପାଇଖାନାର ମରାମତି/ଉନ୍ନତି ପାଇଁ ଇଚ୍ଛୁକ ଥିବା ପରିବାର ସଂଖ୍ୟା :........
- ଅନ୍ୟାନ୍ୟ ସଂସ୍ଥା ସାହାଯ୍ୟରେ ପାଇଖାନା ତିଆରି କରିବାକୁ ଚାହୁଁଥିବା ପରିବାର ସଂଖ୍ୟା :........
- ଅନ୍ୟାନ୍ୟ ସଂସ୍ଥା ସାହାଯ୍ୟରେ ପାଇଖାନା ମରାମତି/ଉନ୍ନତି ଚାହୁଁଥିବା ପରିବାର ସଂଖ୍ୟା :........
- କମୋଡ ପାଇଖାନା ଥିବା ପରିବାର ସଂଖ୍ୟା :........
- କମୋଡ ପାଇଖାନା ଦରକାର ଥିବା ପରିବାର ସଂଖ୍ୟା :........
- ସ୍କୁଲରେ ଝିଅଙ୍କ ପାଇଁ ସ୍ୱତନ୍ତ୍ର ପାଇଖାନା ଅଛି କି ନାହିଁ ? ଯଦି ଅଛି, ବ୍ୟବହାର ଉପଯୋଗୀ ନା ନାହିଁ :........
- ଅଙ୍ଗନୱାଡ଼ିରେ ପାଇଖାନା ଅଛି କି ନାହିଁ ? ଯଦି ଅଛି, ବ୍ୟବହାର ଉପଯୋଗୀ କି ? :........

| କୂଅ/ନଳକୂଅର ନାମ/ସ୍ଥାନ | ପାଇଖାନା ଟାଙ୍କି ବା ନର୍ଦ୍ଦମା ପାଖରେ ଅଛି କି ? (✓ବା ✗ ଚିହ୍ନ ଦିଅନ୍ତୁ) | ଯଦି ଅଛି, କେତେ ଫୁଟ ଦୂରରେ ଅଛି | କୂଅ/ନଳପୂଅର ପାଣିରେ କିଛି ପରିବର୍ତ୍ତନ ଜଣାପଡୁଛି କି ? (ଯଥା :ସ୍ୱାଦ ଖରାପ ଲାଗିବା) |
|---|---|---|---|
| | | | |

## ପୁରୁଷ ଶୌଚାଳୟ

| ସ୍ଥାନ | ଉପରେ ଛାତ ରହିଛି | ବ୍ୟବହାର ଉପଯୋଗୀ | ସଫା ରହେ | କବାଟକୁ ଭିତରୁ ଭଲ ଭାବେ ବନ୍ଦ କରିହୁଏ | କବାଟରେ ଭିତରକୁ ଦେଖିବା ପାଇଁ କୌଣସି ଫାଙ୍କ ନାହିଁ | ଭିତରକୁ ଦେଖିବା ପାଇଁ ଅନ୍ୟ କୌଣସି ଫାଙ୍କ ନାହିଁ | ସବୁବେଳେ ପାଣିର ବ୍ୟବସ୍ଥା ଅଛି | ହାତ ଧୋଇବା ସାବୁନ ସବୁବେଳେ ରହିଥାଏ | କ'ଣ କରିବା ଦରକାର | ସେଥିପାଇଁ ଆନୁମାନିକ କେତେ ଟଙ୍କା ଖର୍ଚ୍ଚ ହେବ |
|---|---|---|---|---|---|---|---|---|---|---|
| | (✓ବା ✗ ଚିହ୍ନ ଦିଅନ୍ତୁ) | | | | | | | | | |
| ସ୍କୁଲ | | | | | | | | | | |
| ଅଙ୍ଗନୱାଡ଼ି | | | | | | | | | | |

## ମହିଳା ଶୌଚାଳୟ

| ସ୍ଥାନ | ଉପରେ ଛାତ ରହିଛି | ବ୍ୟବହାର ଉପଯୋଗୀ | ସଫା ରହେ | କବାଟକୁ ଭିତରୁ ଭଲ ଭାବେ ବନ୍ଦ କରିହୁଏ | କବାଟରେ ଭିତରକୁ ଦେଖିବା ପାଇଁ କୌଣସି ଫାଙ୍କ ନାହିଁ | ଭିତରକୁ ଦେଖିବା ପାଇଁ ଅନ୍ୟ କୌଣସି ଫାଙ୍କ ନାହିଁ | ସବୁବେଳେ ପାଣିର ବ୍ୟବସ୍ଥା ଅଛି | ହାତ ଧୋଇବା ସାବୁନ ସବୁବେଳେ ରହିଥାଏ | କ'ଣ କରିବା ଦରକାର | ସେଥିପାଇଁ ଆନୁମାନିକ କେତେ ଟଙ୍କା ଖର୍ଚ୍ଚ ହେବ |
|---|---|---|---|---|---|---|---|---|---|---|
| | (✓ବା ✗ ଚିହ୍ନ ଦିଅନ୍ତୁ) | | | | | | | | | |
| ସ୍କୁଲ | | | | | | | | | | |
| ଅଙ୍ଗନୱାଡ଼ି | | | | | | | | | | |

## ଆବର୍ଜନା ପରିଚାଳନା ବ୍ୟବସ୍ଥା :

### ଗ୍ରାମରେ ସୃଷ୍ଟି ହେଉଥିବା ଆବର୍ଜନା

| ପ୍ରଶ୍ନ | ତରଳ (ଯଥା: ରୋଷେଇ ଘରର ବାସନ ଧୁଆ ପାଣି, ପାଇଖାନା ଘର ପାଣି ଇତ୍ୟାଦି) | କଠିନ (ଯଥା: ପରିବା ଚୋପା, ଫୋପାଡ଼ି ଦିଆଯାଇଥିବା ଘରୋଇ ଜିନିଷ ଇତ୍ୟାଦି) |
|---|---|---|
| କି ପ୍ରକାରର | | |
| କେଉଁଠାରେ ଜମା ହୁଏ | | |
| ତାକୁ ନଷ୍ଟ କରିବାର କି ବ୍ୟବସ୍ଥା ରହିଛି | | |
| ଆଉ କ'ଣ କଲେ ଭଲ ହେବ ଏବଂ ଏଥିପାଇଁ କ'ଣ ଖର୍ଚ୍ଚ ହେବ | | |

- ପାଇଖାନା ଟାଙ୍କି କେତେ ଦିନରେ ଓ କିପରି ସଫା ହୁଏ ?
- ପରିତ୍ୟକ୍ତ ଔଷଧ ଓ ଅନ୍ୟାନ୍ୟ କ୍ଷତିକର ରାସାୟନିକ ଆବର୍ଜନା (ଯଥା: ବ୍ୟାଟେରୀ), ଧାତବ ଆବର୍ଜନା, କାଚ, ପ୍ଲାଷ୍ଟିକ୍ ଏବଂ ଇଲେକ୍ଟ୍ରୋନିକ୍ ସରଞ୍ଜାମ ଆଦି କେଉଁଠାରେ ପକାଇଥା'ନ୍ତି ଏବଂ ପରିବେଶ ପ୍ରଦୂଷଣ ନକରି ତା'କୁ ନଷ୍ଟ କରିବାର କି ବ୍ୟବସ୍ଥା କରିଥାନ୍ତି ?
- ପରିତ୍ୟକ୍ତ ବସ୍ତୁର ପୁନର୍ବ୍ୟବହାର କିମ୍ବା ଗଠନମୂଳକ ଉପଯୋଗ ପାଇଁ (ଯଥା: ପରିବା ଚୋପା, ଅଣ୍ଡାଖୋଳ ଇତ୍ୟାଦିରୁ ଜିଆଖତ ପ୍ରସ୍ତୁତି) କୌଣସି ଚେଷ୍ଟା କିମ୍ବା ଅଭ୍ୟାସ ରହିଛି କି ? ଯଦି ହଁ, ତେବେ କ'ଣ ?

## ପରିଚ୍ଛନ୍ନତା :

### ପରିଚ୍ଛନ୍ନତା ଅଭ୍ୟାସ (କେତେ ଦିନରେ ଥରେ)

| ଅଭ୍ୟାସ | ମହିଳା | ପୁରୁଷ | ପିଲାମାନେ |
|---|---|---|---|
| ମୁହଁ ଧୋଇବା ଓ ଆଖି କୋଣର ମଇଳା ସଫା କରିବା | | | |
| ଦାନ୍ତ ଘଷିବା ଓ ଜିଭ ସଫା କରିବା | | | |
| କାନ ସଫା କରିବା | | | |
| ନଖ କାଟିବା | | | |
| କେଶ କାଟିବା | | | |
| ଦାଢ଼ି କାଟିବା | | | |
| ପିନ୍ଧା ଲୁଗା ସଫା କରିବା | | | |
| ଗାଧୋଇବା | | | |
| ମୁଣ୍ଡ ଧୋଇବା | | | |
| ମୁଣ୍ଡ କୁଣ୍ଡାଇବା | | | |
| ଘର ଝାଡୁ କରିବା | | | |
| ଘର ଲିପାପୋଛା କରିବା | | | |
| ବାସନ ଧୋଇବା | | | |
| ତକିଆ ଓ ଗଦି ଖରା ଦେଇ ତା'ର ଧୂଳି ଝାଡ଼ିବା | | | |
| ତକିଆ ଖୋଳ ଓ ବିଛଣା, ଚାଦର ଆଦି ସଫା କରିବା | | | |

- ସ୍କୁଲରେ ହାତ ଧୁଆ ଅଭ୍ୟାସ ଅଛି / ନାହିଁ
- ସ୍କୁଲରେ ହାତ ଧୁଆ ବ୍ୟବସ୍ଥା ଅଛି / ନାହିଁ (ଯଦି ଅଛି, କ'ଣ)
- ଅଙ୍ଗନୱାଡ଼ିରେ ହାତ ଧୁଆ ଅଭ୍ୟାସ ଅଛି / ନାହିଁ
- ଅଙ୍ଗନୱାଡ଼ିରେ ହାତ ଧୁଆ ବ୍ୟବସ୍ଥା ଅଛି / ନାହିଁ (ଯଦି ଅଛି, କ'ଣ)
- ଦାନ୍ତ କେଉଁଥିରେ ଘଷନ୍ତି ?
- ଜିଭ କେଉଁଥିରେ ସଫା କରନ୍ତି ?
- ଅଇଁଠା ବାସନ କେଉଁଥିରେ ମାଜନ୍ତି ?
- ଖାଦ୍ୟ ଘୋଡ଼ାଇ ରଖନ୍ତି କି ନାହିଁ ?
- ଖାଦ୍ୟକୁ ନିରାପଦ ସ୍ଥାନରେ ରଖନ୍ତି କି ନାହିଁ ?
- ମୁଣ୍ଡ କେଉଁଥିରେ ଧୁଅନ୍ତି (ବିଶେଷତଃ ମହିଳାମାନେ) ?
- ପିନ୍ଧା ଲୁଗା କେତେ ଦିନରେ ଥରେ ବଦଳାଇ ସଫା ଲୁଗା ପିନ୍ଧନ୍ତି (ମହିଳା, ପୁରୁଷ, ପିଲା) ?
- କେତେ ଘର ଲୋକ ନିୟମିତ ଇସ୍ତ୍ରୀ କରା ଲୁଗା ପିନ୍ଧନ୍ତି ?
- ଇସ୍ତ୍ରୀ କିଏ କରିଥାଏ ?
- ବାହାରକୁ ଯିବାବେଳେ ଚପଲ/ଜୋତା ପିନ୍ଧନ୍ତି କି ନାହିଁ (ମହିଳା, ପୁରୁଷ, ପିଲା) ?
- କେତେ ଘର ଲୋକଙ୍କ କାନ୍ଥରେ ଫିମ୍ପି ଲାଗେ ?
- ଫିମ୍ପି ପାଇଁ କ'ଣ କରାଯାଏ ?

**ଖାଦ୍ୟ ଅଭ୍ୟାସ**

| ବାସି ଖାଦ୍ୟର ପ୍ରକାର | ରନ୍ଧା ହେବାର କେତେ ସମୟ ପର୍ଯ୍ୟନ୍ତ ରଖାଯାଏ | ଘରର କେଉଁମାନେ ଏହାକୁ ଖାଇଥାନ୍ତି | କେତେ ଘର ଲୋକେ ଖାଇଥାନ୍ତି | କେତେ ଘର ଲୋକ ଫ୍ରିଜ୍‌ରେ ରଖନ୍ତି |
|---|---|---|---|---|
| ପଖାଳ | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |

## ଗ୍ରାମ ଜଳ-ପରିମଳ କମିଟି :

ଗ୍ରାମରେ ଜଳ-ପରିମଳ ବ୍ୟବସ୍ଥା ଦେଖିବା ପାଇଁ ବର୍ତ୍ତମାନ କି ପ୍ରକାର ସଂସ୍ଥା ବା ଅନୁଷ୍ଠାନ (ଯଥା: ଗ୍ରାମ କମିଟି) ରହିଛି ? ଏଥିରେ କେଉଁମାନେ ରହିଛନ୍ତି ଏବଂ ସେମାନେ ଗ୍ରାମରେ ସୁସ୍ଥ ଜଳ-ପରିମଳ ବ୍ୟବସ୍ଥା କରିବାରେ କେତେ ଦୂର ସଫଳ ହୋଇ ପାରିଛନ୍ତି ? ସେମାନଙ୍କ ଅସୁବିଧା ସବୁ କ'ଣ ?

## ଜଳ ବଜେଟ :

୪ଜଣ ସଦସ୍ୟ ଥିବା ଗୋଟିଏ ପରିବାରର ହାରାହାରି ଦୈନିକ ଜଳ-ଆବଶ୍ୟକତା (ଲିଟରରେ) ନିମ୍ନରେ ଦର୍ଶାନ୍ତୁ:*

| ଆବଶ୍ୟକତା | ଗ୍ରୀଷ୍ମ ଋତୁ | ବର୍ଷା ଋତୁ | ଶୀତ ଋତୁ |
|---|---|---|---|
| ରୋଷେଇ | | | |
| ପାନୀୟ | | | |
| ଗାଧୁଆ | | | |
| ଶୌଚ | | | |
| ଅନ୍ୟାନ୍ୟ | | | |
| ଗୃହପାଳିତ ପଶୁପକ୍ଷୀ | | | |
| **ମୋଟ** | **X** | **Y** | **Z** |

$\frac{X + Y + Z}{୩} = B$ (ଗୋଟିଏ ୪ ଜଣିଆ ପରିବାରର ହାରାହାରି ଦୈନିକ ଆବଶ୍ୟକତା)

ବର୍ତ୍ତମାନ ଗ୍ରାମର ମୋଟ ଜନସଂଖ୍ୟାକୁ ୪ ଦ୍ୱାରା ବିଭାଜିତ କରନ୍ତୁ:

$\frac{\text{ମୋଟ ଜନସଂଖ୍ୟା}}{୪} = C$

ଏଥିରୁ କେତୋଟି ୪ ଜଣିଆ ପରିବାର ହୋଇପାରିବ ତା' ଜଣାପଡ଼ିବ । ଧରାଯାଉ ଏହା C ।

ବର୍ତ୍ତମାନ B x C= ଗ୍ରାମର ମୋଟ ଦୈନିକ ଜଳ ଆବଶ୍ୟକତା (ଲିଟରରେ)

B x C x ୩୬୫ = ଗ୍ରାମର ବାର୍ଷିକ ଜଳ ଆବଶ୍ୟକତା (ଲିଟରରେ)

---

* ଏହି ହିସାବ କରିବା ପାଇଁ ଗୋଟିଏ ସରଳ ପଦ୍ଧତି ରହିଛି । ଗୋଟିଏ ବାଲ୍‌ତିରେ ସାଧାରଣତଃ ପ୍ରାୟ ୧୨ ଲିଟର ପାଣି ଧରିଥାଏ । ଏହିଭଳି କେତେ ବାଲ୍‌ତି ପାଣି ଆବଶ୍ୟକ ହେବ, ହିସାବ କରନ୍ତୁ ଏବଂ ସେଥିରୁ ଲିଟରର ଆକଳନ କରନ୍ତୁ ।

## ପ୍ରମୁଖ ସମସ୍ୟାର ବର୍ଗୀକରଣ :

ଗ୍ରାମବାସୀ ଦଳଗତ ଆଲୋଚନା ମାଧ୍ୟମରେ (ଏଥିରେ ମହିଳାମାନେ ବିଶେଷ ଭାବେ ଓ ସକ୍ରିୟ ଅଂଶଗ୍ରହଣ କରିବା ନିହାତି ଆବଶ୍ୟକ) ଗ୍ରାମର ପ୍ରମୁଖ ସମସ୍ୟାଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ଧରାଯାଉ ମୋଟ ୧୫ଟି ସମସ୍ୟା ଚିହ୍ନଟ ହେଲା । ତା' ହେଲେ ୧୫ଟି ଗୋଡି ବା ପତ୍ର ନିଅନ୍ତୁ । ଯେଉଁ ସମସ୍ୟାଟି ସବୁଠାରୁ ବଡ଼, ତା' ପାଇଁ ୧୫ଟି ଗୋଡ଼ି ରଖନ୍ତୁ (ପାଇଥିବା ସଂଖ୍ୟା) । ଯେହେତୁ ଏହା ସର୍ବ ପ୍ରଧାନ ସମସ୍ୟା, ତେଣୁ ତା'ର ବର୍ଗ ହେବ ୧ । ୧୪ଟି ଗୋଡ଼ି ପାଇ ତା' ପଛକୁ ଥିବା ସମସ୍ୟାଟିର ବର୍ଗ ହେବ ୨ । ଏହିଭଳି ବର୍ଗୀକରଣ କଲେ ଜଳ, ପରିମଳ ଓ ପରିଚ୍ଛନ୍ନତା ଜନିତ ସମସ୍ୟାର ସ୍ଥିତି କେଉଁଠି ରହିଛି, ତା' ଜଣାପଡ଼ିବ ।

| ସମସ୍ୟା | ପାଇଥିବା ସଂଖ୍ୟା | ବର୍ଗ |
|---|---|---|
| | | |
| | | |
| | | |
| | | |
| | | |

## ସମୟର ଗତି ଚିତ୍ର

| ପରିସ୍ଥିତି | ୨୦ ବର୍ଷ ପୂର୍ବରୁ | ବର୍ତ୍ତମାନ | ଗତି (ଉନ୍ନତି/ଅବନତି) |
|---|---|---|---|
| ପାନୀୟ ଜଳ ସଂଗ୍ରହ ପାଇଁ ସମସ୍ୟା | | | |
| ରୋଗ | | | |
| ଖାଦ୍ୟ ଉପଲବ୍ଧତା | | | |
| ଅପରିଷ୍କାର ପରିବେଶ | | | |
| ପାଣିର ବ୍ୟବହାର | | | |
| ପରିମଳ ଅଭ୍ୟାସ | | | |
| କୃଷି ଉତ୍ପାଦନ | | | |
| ଜଳ ପରିମଳ ଉପରେ ସରକାରୀ ସୁବିଧା ସୁଯୋଗ | | | |

## ଯୋଜନା :

ବର୍ତ୍ତମାନ ପୂର୍ବରୁ ଦିଆଯାଇଥିବା ତଥ୍ୟକୁ ଆଧାର କରି ଗ୍ରାମର ଗ୍ରାମ୍ୟ ଜଳ, ପରିମଳ ଓ ପରିଚ୍ଛନ୍ନତା ଯୋଜନା ପ୍ରସ୍ତୁତ କରନ୍ତୁ । ଏଥିରେ ମହିଳାମାନେ ବିଶେଷ ଭାବେ ଓ ସକ୍ରିୟ ଅଂଶଗ୍ରହଣ କରିବା ନିହାତି ଆବଶ୍ୟକ ।

| ବିଷୟ | ସ୍ଥୂଳ କାର୍ଯ୍ୟ | | ଆଚରଣଗତ ପରିବର୍ତ୍ତନ * | |
|---|---|---|---|---|
| | ଭିତ୍ତିଭୂମି ନିର୍ମାଣ/ ଉନ୍ନତି | କେତେ ସମୟ (ମାସ/ବର୍ଷ) ଲାଗିବ | ଅଭ୍ୟାସ ପରିବର୍ତ୍ତନ/ଉନ୍ନତି | କେତେ ସମୟ ଲାଗିବ |
| ଜଳ | | | | |
| | | | | |
| | | | | |
| ପରିମଳ | | | | |
| | | | | |
| | | | | |
| ପରିଚ୍ଛନ୍ନତା | | | | |
| | | | | |
| | | | | |

## ଖର୍ଚ୍ଚ ଅଟକଳ :

| କାର୍ଯ୍ୟର ନାମ | ସଂଖ୍ୟା/ପରିମାଣ | ଆନୁମାନିକ ଖର୍ଚ୍ଚ | ଯୋଜନାର ସଂଯୋଗୀକରଣ** (Convergence) |
|---|---|---|---|
| | | | |
| | | | |
| | | | |
| | | | |

* ଜଳ, ପରିମଳ ଓ ପରିଚ୍ଛନ୍ନତା ସଂପର୍କିତ ପୂର୍ବ ବିବରଣୀରୁ ଜଣାପଡ଼ିବ ଯେ ଆମର ଅଭ୍ୟାସରେ କ'ଣ ଦୋଷ ରହିଛି, ତେଣୁ ସେ ଅଭ୍ୟାସର ପରିବର୍ତ୍ତନ ପାଇଁ ଆମକୁ ସଂକଳ୍ପ କରିବାକୁ ହେବ । ଏହି ଅଭ୍ୟାସ ପରିବର୍ତ୍ତନ ପାଇଁ ସବୁବେଳେ ଯେ ଟଙ୍କା ଖର୍ଚ୍ଚ କରିବାକୁ ହେବ, ତା'ନୁହେଁ; ଯଦିଓ କିଛି ସମୟ ଲାଗିପାରେ ।

** କେଉଁ ସରକାରୀ ବା ବେସରକାରୀ ଯୋଜନା ବା କାର୍ଯ୍ୟକ୍ରମ ସହିତ ଏହାକୁ ଯୋଡ଼ି ହେବ ଏବଂ ସେଥିରୁ ଆର୍ଥିକ ସହାୟତା ମିଳିପାରିବ ।

**ସଂଲଗ୍ନ କରନ୍ତୁ:**

୧. ଗ୍ରାମର ଅବସ୍ଥିତି ମାନଚିତ୍ର

୨. ଗ୍ରାମର ଜଳସମ୍ପଦ ମାନଚିତ୍ର

୩. ଗ୍ରାମର ପରିମଳ ମାନଚିତ୍ର

ପରିଶିଷ୍ଟ-୧ : ପାଇଖାନା ଆବଶ୍ୟକ ଥିବା ଲୋକମାନଙ୍କର ନାମ ତାଲିକା

ପରିଶିଷ୍ଟ-୨ : ପାଇଖାନା ମରାମତି ଆବଶ୍ୟକ ଥିବା ଲୋକମାନଙ୍କର ନାମ ତାଲିକା

ପରିଶିଷ୍ଟ-୩: ଅନ୍ୟାନ୍ୟ



**ଆପଣ ପିଉଥିବା ପାଣିର ଶୁଦ୍ଧତା ପ୍ରତି ସଚେତନ ରୁହନ୍ତୁ କାରଣ ଦୂଷିତ ଜଳ ନାନା ପ୍ରକାର ରୋଗ ସୃଷ୍ଟି କରିପାରେ, ଏପରିକି ଫ୍ଲୋରୋସିସ୍ ଭଳି ଦୁରାରୋଗ୍ୟ ସମସ୍ୟା ମଧ୍ୟ ଦେଖା ଦେଇପାରେ ।**

# ଦୀର୍ଘକାଳୀନ ଜଳ ନିରାପତ୍ତା ଯୋଜନାର କେତୋଟି ଗୁରୁତ୍ୱପୂର୍ଣ୍ଣ ଦିଗ

ଆମେ ସାଧାରଣତଃ ଗୋଟିଏ ବର୍ଷ ପାଇଁ ଜଳ, ପରିମଳ ଓ ପରିଛନ୍ନତା ଯୋଜନା କରିଥାଉ । କିନ୍ତୁ ଦୀର୍ଘକାଳୀନ ଜଳ ନିରାପତ୍ତା ଯୋଜନା କରିବାକୁ ହେଲେ ସେଥିରେ ନିମ୍ନ ବିଷୟମାନ ବିଚାରକୁ ନିଆଯିବା ଆବଶ୍ୟକ :

## ୧) ବର୍ଷା ଜଳର ହିସାବ:

୧ ମିଲିମିଟର ବର୍ଷା ହୋଇଛି କହିବା ଅର୍ଥ ୧ ବର୍ଗମିଟର ଅଞ୍ଚଳ ପାଇଁ ୧ ଲିଟର ବର୍ଷାଜଳ ମିଳିଛି ।

ଧରାଯାଉ ଆମ ଅଞ୍ଚଳରେ (ପଞ୍ଚାୟତ ଓ ବ୍ଲକ୍) ହାରାହାରି ବାର୍ଷିକ ବୃଷ୍ଟିପାତ ପରିମାଣ ୧୫୦୦ ମିଲିମିଟର । ତା'ର ଅର୍ଥ ୧ ବର୍ଗମିଟର ଅଞ୍ଚଳ ପାଇଁ ବାର୍ଷିକ ୧୫୦୦ ଲିଟର ବର୍ଷାଜଳ ମିଳିପାରୁଛି ।

ଯଦି ଆମ ଗ୍ରାମର ସମୁଦାୟ କ୍ଷେତ୍ରଫଳ ୧୦୦ ଏକର ଧରାଯାଏ, ତେବେ ୧ ଏକର = ୪୦୬୭ ବର୍ଗମିଟର ହିସାବରେ ମୋଟ କ୍ଷେତ୍ରଫଳ ହେବ ୪୦୬୭ x ୧୦୦ = ୪୦୬୭୦୦ ବର୍ଗମିଟର ।

୧ ବର୍ଗମିଟର ପାଇଁ ଯଦି ୧୫୦୦ ଲିଟର ଜଳ ମିଳୁଛି, ତେବେ ୪୦୬୭୦୦ ବର୍ଗମିଟର ପାଇଁ ୪୦୬୭୦୦ x ୧୫୦୦ = ୬୧୦୦୫୦୦୦୦ ଲିଟର ବର୍ଷାଜଳ ମିଳିପାରିବ । ଅର୍ଥାତ୍ ଆମ ଅଞ୍ଚଳର ବାର୍ଷିକ ଜଳ ଗ୍ରହଣ କ୍ଷମତା ହେଉଛି ୬୧୦୦୫୦୦୦୦ ଲିଟର ଯାହା କେବଳ ବର୍ଷାଜଳରୁ ମିଳିପାରୁଛି ।

କିନ୍ତୁ ଏତିକି ପରିମାଣ ଜଳ ଆମ ପାଖରେ ରହେ ନାହିଁ, କାରଣ ଅଧିକାଂଶ ବର୍ଷାଜଳ ବହିଯାଇ ନଷ୍ଟ ହୁଏ । ଆଉ କିଛି ବାଷ୍ପୀଭବନ (ଖରାରେ ଶୁଖି) ନଷ୍ଟ ହୁଏ, ଏବଂ ଆଉ କିଛି ମାଟି ତଳକୁ ଚାଲିଯାଏ ।

ଚଟାଣ ଯେତେ କଠିନ ହେବ, ତା' ଉପରେ ପଡ଼ି ବହି ଯାଉଥିବା ବର୍ଷାଜଳ ସେତେ ବେଶି ନଷ୍ଟ ହେବ କାରଣ ଏହା ସହଜରେ ବହିଯିବ ଏବଂ ଏହାକୁ ଧରି ରଖିବାକୁ କିଛି ନ ଥିବ । ଧରି ରଖିବା ବ୍ୟବସ୍ଥା ଯେତେ କମିବ, ମାଟିକୁ ଭେଦିବା ପରିମାଣ ମଧ୍ୟ ସେତିକି କମିଯିବ । ସେଥିପାଇଁ ଯେଉଁଠି ପଥର ଚଟାଣ ବ୍ୟାପି ରହିଛି, ଜଙ୍ଗଲ ବା କ୍ଷେତର ଫସଲ ଆଦି ନାହିଁ, ଏବଂ ରାସ୍ତା ମଧ୍ୟ କଂକ୍ରିଟ ହୋଇଛି, ସେଭଳି ଗ୍ରାମରେ ମିଳୁଥିବା ବର୍ଷାଜଳର ପ୍ରାୟ ୯୦ରୁ ୧୦୦% ବହି ଯାଇ ନଷ୍ଟ ହୋଇଯିବାର ଆଶଙ୍କା ଥାଏ । କଂକ୍ରିଟ ରାସ୍ତାରେ ଆବଶ୍ୟକ ଛିଦ୍ରମାନ ରହିଲେ, କ୍ଷେତରେ ଫସଲ ହୋଇଥିଲେ ଏବଂ ଅନ୍ୟାନ୍ୟ ଗଛବୁଦା ବା ଜଙ୍ଗଲ ସହିତ କୂଅ, ପୋଖରୀ ଆଦି ଥିଲେ କିଛି ପାଣି ସେଥିରେ ଅଟକି ରହେ ।

ସାଧାରଣ ଭାବେ ଧରି ନିଆଯାଏ ଯେ ମିଳୁଥିବା ବର୍ଷାଜଳର ପ୍ରାୟ ୫୦% ବହି ଯାଇ ନଷ୍ଟ ହେଉଥିବା ବେଳେ ପ୍ରାୟ ୩୫% ବାଷ୍ପୀଭବନ ଦ୍ୱାରା ନଷ୍ଟ ହୋଇଥାଏ ଏବଂ ମାତ୍ର ୧୦% ହିଁ ମାଟିକୁ ଭେଦିଥାଏ । ତେଣୁ ଯେଉଁ ୬୧୦୦୫୦୦୦୦ ଲିଟର ବର୍ଷାଜଳ ମିଳିଲା, ତା'ର ପ୍ରାୟ ୫୦% ବହି ଯାଇ ନଷ୍ଟ ହେବା ପରେ ରହିଲା: ୩୦୫୦୨୫୦୦୦ଲିଟର । ଏହାର ପ୍ରାୟ ୩୫% (୧୦୬୭୫୮୭୫୦ ଲିଟର) ବାଷ୍ପୀଭବନ ଦ୍ୱାରା ନଷ୍ଟ ହେବା ପରେ ରହିଲା: ୧୯୮୨୬୬୨୫୦ ଲିଟର । ଏହାର ପ୍ରାୟ ୧୦% (୧୯୮୨୬୬୨୫ ଲିଟର) ମାଟି ଭିତରକୁ ଚାଲିଯିବା ପରେ ଆଉ ରହିବ ୧୭୮୪୩୯୬୨୫ ଲିଟର ।

ଅର୍ଥାତ୍ ଆମେ ବହୁ ପରିମାଣର ଜଳ ହରାଇଲେ । ସେଥିପାଇଁ ବର୍ଷାଜଳ ଅମଳ ବ୍ୟବସ୍ଥା କରାଯାଇପାରିଲେ ଏତେ ପରିମାଣ ଜଳ ନଷ୍ଟକୁ ରୋକାଯାଇପାରିବ ।

## ୨) ବର୍ଷା ଜଳର ଅମଳ ବ୍ୟବସ୍ଥା :

ଛାତରେ ପାଇପ୍ ଲଗାଇ କିମ୍ବା ଛପର ଘର ଥିଲେ ଛପର ଧାରରେ ଟିଣର ନଳ ଝୁଲାଇ ସଂଗୃହୀତ ବର୍ଷାଜଳକୁ ପାଇପ ଦ୍ୱାରା କୌଣସି କୁଣ୍ଡ ବା ଟାଙ୍କିକୁ ନେଇ ଯାଇ ହେବ । ପାଇପ ମୁହଁରେ ସରୁ ଜାଲି ବନ୍ଧା ଥିଲେ ଏହି ପାଣି ଛାଣି ହୋଇ କୁଣ୍ଡକୁ ଯିବ ।

କୁଣ୍ଡ ବା ଟାଙ୍କି ମାଟି ତଳେ କରାଯାଇ ଢାଙ୍କି ଦିଆଯାଏ, ଏବଂ ସେଥିରେ ସଂଗୃହୀତ ବର୍ଷାଜଳକୁ ଆବଶ୍ୟକ ସମୟରେ ବ୍ୟବହାର କରାଯାଏ । ମାଟି ଉପରେ ମଧ୍ୟ ଖୋଲା କୁଣ୍ଡ ବା ବନ୍ଦ ଟାଙ୍କି କରାଯାଇ ପାରିବ । କୁଣ୍ଡ ନ ଥିଲେ ନିକଟସ୍ଥ କୂଅ ବା ପୋଖରୀରେ ସେଇ ପାଣି ପଡ଼ିବା ଭଳି ପାଇପ ବିଛା ଯାଇ ପାରିବ (କାରଣ ଗୋଳିଆ ପାଣି ପଶିବା ଉଚିତ ନୁହେଁ) । କଂକ୍ରିଟ ହୋଇଥିବା ବଡ଼ ଆକାରର ଛାତ ଏଥିପାଇଁ ସୁଗମ, ତେଣୁ ସ୍କୁଲ ଛାତ କିମ୍ବା ବଡ଼ କୋଠା ଛାତରେ ଏହା କରିବା ଅଧିକ ଫଳପ୍ରଦ । ଏଥିପାଇଁ ଛାତକୁ ମଧ୍ୟ ସଫା ରଖାଯିବା ଉଚିତ ।

ବାୟୁମଣ୍ଡଳରେ ବିଶେଷ ପ୍ରଦୂଷଣ ନଥିଲେ ବର୍ଷାଜଳ ଶୁଦ୍ଧ ଓ ନିରାପଦ ହୋଇଥାଏ, ବିଶେଷତଃ ଯଦି କିଛି ସମୟ ବର୍ଷା ହୋଇଯାଇ ବାୟୁମଣ୍ଡଳ ପରିଷ୍କାର ହୋଇଯିବା ପରେ ସଂଗ୍ରହ କରାଯାଏ । ଏହାର ସଂଗ୍ରହ-ପଥ ଓ ବ୍ୟବସ୍ଥା ଯଦି ନିର୍ମଳ ଓ ନିରାପଦ ଥାଏ, ତା' ହେଲେ ତାକୁ ସଂଗ୍ରହ କରି ଦୀର୍ଘ ଦିନ ରଖିଲେ ମଧ୍ୟ ପ୍ରାୟତଃ ନିରାପଦ ରହେ (ଯଦି ଟାଙ୍କି ଭିତରକୁ ବାୟୁ ଓ ଆଲୋକ ପଶି ନ ପାରେ) । ଅଧିକ ସୁରକ୍ଷା ପାଇଁ ବର୍ଷରେ ଅନ୍ତତଃ ଥରେ ଟାଙ୍କି ସଫା କରିବା ଓ ପାଣିରେ କ୍ଲୋରିନ୍ ମିଶାଇବା ଚିନ୍ତା କରାଯାଇପାରେ ।

## ୩) ଦୀର୍ଘକାଳୀନ ଜଳ ଆବଶ୍ୟକତାର ଆକଳନ :

ଆମେ ଏଇ ପୁସ୍ତିକାର ପୃଷ୍ଠା-୧୦ରେ ବାର୍ଷିକ ଜଳ ଆବଶ୍ୟକତାର ଗୋଟିଏ ଆକଳନ ପଦ୍ଧତି ଦେଇଛୁ । ସେଥିରୁ ଜଣାଯିବ ଯେ, ଗ୍ରାମର ବର୍ତ୍ତମାନ ବାର୍ଷିକ ଜଳ ଆବଶ୍ୟକତା କେତେ । ଏଥିରେ ଗୃହପାଳିତ ପ୍ରାଣୀଙ୍କ ଆବଶ୍ୟକତା ମଧ୍ୟ ମିଶି ରହିଥିବ ।

ଧରାଯାଉ ଗ୍ରାମର ବର୍ତ୍ତମାନ ଜନସଂଖ୍ୟା ୧୦୦ । ଦଶବର୍ଷ ପରେ ଏହା ପ୍ରାୟ ୧.୫ ଗୁଣ ବଢିଥିବ ବୋଲି ଆଶା କରାଯାଏ, ଅର୍ଥାତ ୧୫୦ । ତା'ହେଲେ ଦଶ ବର୍ଷ ପରେ ଆମର ଜଳ ଆବଶ୍ୟକତା ହେବ :

$$\frac{\text{ବର୍ତ୍ତମାନର ବାର୍ଷିକ ଜଳ ଆବଶ୍ୟକତା (ଲିଟର) x ୧୦ ବର୍ଷ ପରର ଜନସଂଖ୍ୟା}}{\text{ବର୍ତ୍ତମାନ ଜନସଂଖ୍ୟା}}$$

### ବର୍ତ୍ତମାନ ଦେଖିବା ଆମକୁ କେତେ ଜଳ ମିଳିପାରୁଛି :

| | | |
|---|---|---|
| ବର୍ଷାଜଳ | = | ................... ଲିଟର |
| ସରକାରୀ ଜଳଯୋଗାଣ (ପାଇପ) | = | ................... ଲିଟର |
| କୂଅ | = | ................... ଲିଟର |
| ନଳକୂଅ | = | ................... ଲିଟର |
| ପୋଖରୀ | = | ................... ଲିଟର |
| ଅନ୍ୟାନ୍ୟ | = | ................... ଲିଟର |

ଏସବୁ ମିଶାଇ ଦେଲେ ଆମକୁ ମିଳୁଥିବା ମୋଟ ଜଳର ପରିମାଣ ଜଣା ପଡ଼ିବ । କିନ୍ତୁ ବର୍ତ୍ତମାନର ପରିସ୍ଥିତି ଯାହା ଦର୍ଶାଉଛି, ଧୀରେ ଧୀରେ ଏହି ପରିମାଣ କମି ଚାଲିବ କାରଣ କୂଅର ଜଳସ୍ତର କମୁଛି, ବର୍ଷା ମଧ୍ୟ କମୁଛି । ତେଣୁ ଧରାଯାଉ ବାର୍ଷିକ ୧୦% ହାରରେ ଏହା କମି ଚାଲିବ । ଫଳରେ ବର୍ତ୍ତମାନ ଯଦି ଆମ ପାଖରେ ବାର୍ଷିକ ୧୦୦ ଲିଟର

ଜଳ ରହୁଛି (ଧରାଯାଉ), ତେବେ ୧୦ ବର୍ଷ ପରେ ଏହା କମି ଯାଇ ପ୍ରାୟ ୩୫ ଲିଟର ହୋଇଯିବ । ଅର୍ଥାତ୍, ବର୍ତ୍ତମାନ ଯେତିକି ମିଳୁଛି, ୧୦ ବର୍ଷ ପରେ ତା'ର ମାତ୍ର ପ୍ରାୟ ୩୫% ହିଁ ମିଳି ପାରିବ ।

୧୦ ବର୍ଷ ପରେ ଆବଶ୍ୟକ ଥିବା ଜଳର ପରିମାଣ ଯଦି ୧୦ ବର୍ଷ ପରେ ମିଳୁଥିବା ଜଳର ପରିମାଣ ଠାରୁ ଅଧିକ ହୁଏ, ତା'ର ଅର୍ଥ ହେବ 'ନିଅଣ୍ଟିଆ' ପରିସ୍ଥିତି ; ଅର୍ଥାତ୍, ଆମକୁ ଯେତିକି ଆବଶ୍ୟକ, ସେତିକି କିନ୍ତୁ ମିଳିବ ନାହିଁ । ଯେତେ କମ୍ ମିଳିବ, ସେତେ ଉତ୍କଟ ପରିସ୍ଥିତି ହେବ ।

ତେଣୁ ସେଭଳି ପରିସ୍ଥିତି ହେବାକୁ ଯାଉଛି ବୋଲି ଜାଣିଲେ ବର୍ତ୍ତମାନ ଠାରୁ ହିଁ ଦୀର୍ଘମିଆଦୀ ଯୋଜନା କରି ଜଳ ସମ୍ପଦର ସଂରକ୍ଷଣ ଓ ସାମର୍ଥ୍ୟ ବୃଦ୍ଧିର ବ୍ୟବସ୍ଥା କରିବାକୁ ହେବ, ଯଥା: ହିଡ଼ ବା ଛୋଟ ବନ୍ଧମାନ କରି ଢାଲୁ (ଗଡ଼ାଣିଆ) ଅଞ୍ଚଳରେ ପ୍ରବାହକୁ ରୋକିବା (ଯାହାଦ୍ୱାରା ମାଟିକୁ ଭେଦିବାର ପରିମାଣ ବଢ଼ିବ), ଜଙ୍ଗଲ ଓ ବେଣା– ଜାତୀୟ ଉପକାରୀ ବଡ଼ ଘାସ ଆଦି ପତିତ ଜମି ବା ହିଡ଼ରେ ଲଗାଇବା ଯେପରିକି ମୃତ୍ତିକା କ୍ଷୟ ବନ୍ଦ ହେବା ସହିତ ଭୂତଳ ଜଳସ୍ତରରେ ମଧ୍ୟ ବୃଦ୍ଧି ହୋଇପାରିବ, ଇତ୍ୟାଦି । ନଳକୂଅ ଚ଼ରି ପାଖରେ ଖୋଳି ବାଲି ଓ ପଥର ଆଦିର ଆସ୍ତରଣ ଦେବା ସହିତ ମାଟି ଭିତରେ ରହୁଥିବା ନଳରେ ଆବଶ୍ୟକ ଛିଦ୍ରମାନ କରି ସରୁ ସରୁ ଜାଲି ଦେଇ ସେଗୁଡ଼ିକୁ ବାନ୍ଧି ଘୋଡ଼ାଇ ଦେଲେ ବର୍ଷାଜଳ ନଳକୂଅ ଭିତରକୁ ଯାଇପାରିବ, ତେବେ ବିଶେଷଜ୍ଞଙ୍କୁ ପରାମର୍ଶ କରି ଏହା କରିବା ଉଚିତ ହେବ ।

## ୪) ଜଳାଶୟର ସାମର୍ଥ୍ୟ ଆକଳନ:

କୂଅ, ପୋଖରୀ ବା ନଳକୂଅ ଆଦିର ଜଳ ଉତ୍ପାଦନ ସାମର୍ଥ୍ୟ ଆକଳନ କରିବାର ନିର୍ଦ୍ଦିଷ୍ଟ ବୈଜ୍ଞାନିକ ପଦ୍ଧତି ରହିଛି । ତେବେ ଗ୍ରାମବାସୀଙ୍କ ପାଇଁ ଏକ ସହଜ ପଦ୍ଧତି ହେଉଛି ନିର୍ଭରଶୀଳତାର ଆକଳନ । ଏହା ଏକ ପରୋକ୍ଷ ପଦ୍ଧତି ଏବଂ ଏଥିରୁ ଏକ ଆନୁମାନିକ ହିସାବ ମିଳିଥାଏ । ଯଥା: ଗୋଟିଏ କୂଅ ଉପରେ ୧୦ଟି ପରିବାର ସଂପୂର୍ଣ୍ଣ ନିର୍ଭର କରୁଛନ୍ତି । ଆମେ ପୂର୍ବରୁ ହିସାବ କରିଛୁ ଯେ, ଗୋଟିଏ ପରିବାରର ଦୈନିକ ଓ ବାର୍ଷିକ ଆବଶ୍ୟକତା କେତେ । ସେଥିରୁ ୧୦ଟି ପରିବାରର ବାର୍ଷିକ ଆବଶ୍ୟକତା ମଧ୍ୟ ଜାଣି ହେବ । ଧରାଯାଉ ଏହା ୧୦୦ ଲିଟର । ଅର୍ଥାତ୍, କୂଅଟି ୧୦ଟି ପରିବାର ଚଳିବା ପାଇଁ ବାର୍ଷିକ ୧୦୦ ଲିଟର ପାଣି ଯୋଗାଇ ଦେଉଛି । ଯଦି ଅଧିକ ପରିବାର ନିର୍ଭର କଲେ କୂଅର ପାଣି ଅଣ୍ଟିବ ନାହିଁ, ତା'ହେଲେ ଜାଣିବା ଏହା ସାମର୍ଥ୍ୟ ସେଇ ୧୦୦ ଲିଟର (ବାର୍ଷିକ) ।

ନିତି ଆୟୋଗର ରିପୋର୍ଟ

### ଦେଶରେ ଭୟଙ୍କର ଜଳସଙ୍କଟ

ନୂଆଦିଲ୍ଲୀ,୧୪/୬: ଇତିହାସର ସବୁଠୁ ଭୟଙ୍କର ଜଳ ସଙ୍କଟ ଦେଇ ଦେଶ ଗତି କରୁଛି। ୬୦ କୋଟି ଲୋକ ପାଣି ପାଇଁ ହାହାକାର ହେଉଥିବା ବେଳେ ବର୍ଷକୁ ୨ ଲକ୍ଷ ଲୋକ ଦୂଷିତ ପାନୀୟ ଜଳ ଯୋଗୁଁ ମୃତ୍ୟୁ ମୁଖରେ ପଡୁଛନ୍ତି। ଜଳ ପରିଚାଳନା ସୁଚକାଙ୍କ ରିପୋର୍ଟ ଆଧାରରେ ନିତି ଆୟୋଗ ଆଜି ଏହି ତଥ୍ୟ ପ୍ରଦାନ କରିଛନ୍ତି। ଏବେ ଦେଶର ୭୫ ପ୍ରତିଶତ ଲୋକଙ୍କୁ ଆବଶ୍ୟକ ମୁତାବକ ପାଣି ମିଳିପାରୁନଥିବା ବେଳେ ୮୪ ପ୍ରତିଶତ ଘରକୁ ପାଇପ ପାଣିର ସଂଯୋଗ ହୋଇପାରିନାହିଁ। ଅପରପକ୍ଷେ, ଦେଶର ମୋଟ ଜଳଉତ୍ସର ୭୦ ପ୍ରତିଶତ ପାଣି ପାନୀୟ ଜଳ ଉପଯୋଗୀ ମଧ୍ୟ ନୁହେଁ।




୨୦୩୦ ସୁଦ୍ଧା ଦେଶରେ ଜଳ ସଙ୍କଟ ନିୟନ୍ତ୍ରଣ ବାହାରକୁ ଚାଲିଯିବ। ବର୍ତ୍ତମାନ ସାରା ଦେଶରେ ଯେତିକି ଜଳ ବ୍ୟବହାର ପାଇଁ ଆବଶ୍ୟକ ହେଉଛି ଆଉ ୧୦-୧୨ ବର୍ଷ ମଧ୍ୟରେ ଏହି ଆବଶ୍ୟକତା ୨ ଗୁଣ ବଢ଼ିଯିବ ଏବଂ କୋଟି କୋଟି ଲୋକ ପାଣି ପାଇଁ ହଟହଟା ହେବେ। ଏହି କାରଣରୁ ଦେଶର ଜିଡିପି ମଧ୍ୟ ୬ ପ୍ରତିଶତ ହ୍ରାସ ପାଇବ ବୋଲି ନିତି ଆୟୋଗ ଆଶଙ୍କା କରିଛନ୍ତି। ନିତି ଆୟୋଗ ଉପ ସଭାପତି ରାଜୀବ କୁମାର କହିଛନ୍ତି ଭବିଷ୍ୟତରେ ଏହି ସମସ୍ୟା ଏତେ ଉଦ୍‌ବେଗଜନକ ରହିବ, ଯାହାକି ଏବେ କଳ୍ପନା ବାହାରେ। ଦେଶର ୭ଟି ଗୁରୁତ୍ୱପୂର୍ଣ୍ଣ ନଦୀ ଜଳ ବିବାଦ ମାମଲାର ସ୍ଥାୟୀ ସମାଧାନ ହେଲେ ଜଳ ସଙ୍କଟରେ କିଛି ସୁଧାର ଆସିବ ବୋଲି ନିତି ଆୟୋଗ କହିଛନ୍ତି।

ଜଳ ସଙ୍କଟର ଦୂରୀକରଣ ପାଇଁ ଜଳସମ୍ପଦ ପରିଚାଳନାର ଆବଶ୍ୟକତା ରହିଛି। ୨୦୧୬-୧୭ ରିପୋର୍ଟ ମୁତାବକ, ଏହି ଜଳସମ୍ପଦ ପରିଚାଳନାରେ ଗୁଜରାଟ ଦେଶର ଅଗ୍ରଣୀ ରାଜ୍ୟ ହୋଇଥିବା ବେଳେ ମଧ୍ୟପ୍ରଦେଶ,ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ମଧ୍ୟ ଜଳର ସୁବିନିଯୋଗ ହୋଇପାରୁଥିବା ଆୟୋଗ କହିଛନ୍ତି। ଅପରପକ୍ଷେ,ଝାଡଖଣ୍ଡ, ହରିୟାଣା, ୟୁପି ଓ ବିହାରରେ ଜଳର ପରିଚାଳନା ଠିକ୍‌ରେ ହୋଇପାରୁନଥିବା ବେଳେ ଏଠାରେ ଜଳ ସମସ୍ୟା ମଧ୍ୟ ଭୟଙ୍କର ରୂପ ନେଇଛି। ଉତ୍ତରପୂର୍ବ ଓ ହିମାଳୟ ଉପତ୍ୟକା ଅଞ୍ଚଳରେ ଜଳ ପରିଚାଳନାରେ ତ୍ରିପୁରା ସବୁଠୁ ଆଗରେ ରହିଛି। ୨୦୧୫-୧୬ରେ ଓଡ଼ିଶା ଏହି ସୂଚକାଙ୍କର ନବମ ସ୍ଥାନରେ ରହିଥିବା ବେଳେ ୨୦୧୬ ୧୭ ବେଳକୁ ୪ ସ୍ଥାନ ତଳକୁ ଖସି ୧୩କୁ ଆସିଛି।

# ଉପଯୋଗୀ ପଦ୍ଧତି

ଏହିଭଳି ଯୋଜନା ପ୍ରସ୍ତୁତିରେ ସାଧାରଣତଃ ନିମ୍ନ ପଦ୍ଧତିମାନ ଅନୁସରଣ କରାଯାଇଥାଏ :

## ଦଳଗତ ଆଲୋଚନା (Group discussion):

ଗ୍ରାମବାସୀ ଏକ ବା ଏକାଧିକ ଦଳରେ ବିଭକ୍ତ ହୋଇ ବସିବେ ଓ ଆଲୋଚନା କରିବେ । ଆଲୋଚନା ନିର୍ଦ୍ଦିଷ୍ଟ ବିଷୟକୁ ବା ପ୍ରସଙ୍ଗ ନିର୍ଦ୍ଦିଷ୍ଟ ଦଳଗତ ଆଲୋଚନା (FGD) କୁହାଯାଇପାରିବ ଯାହା ଅଧିକ ଉପଯୋଗୀ ହୋଇଥାଏ ।

ମହିଳାମାନେ ପୁରୁଷଙ୍କ ଦଳରେ ମିଶି ଆଲୋଚନା କରିପାରିବେ କିମ୍ବା ନିଜର ସ୍ୱତନ୍ତ୍ର ଦଳ ଗଠନ କରିପାରିବେ ।

## ମାନଚିତ୍ର ପ୍ରସ୍ତୁତି:

ଚାଉଳ ଚୁନା, ଗୋଡ଼ି ଇତ୍ୟାଦିକୁ ନେଇ ଗୋଟିଏ ବଡ଼ ଚଟାଣ ଉପରେ ଗ୍ରାମର ବିଭିନ୍ନ ମାନଚିତ୍ର ତିଆରି କରାଯାଇପାରିବ । ଅନ୍ୟ ପ୍ରକାରେ, ବଡ଼ କାଗଜରେ ସ୍କେଚପେନ୍, କଲମ ଓ ପେନ୍ସିଲ ଆଦି ଦ୍ୱାରା ମଧ୍ୟ ଏହା କରିହେବ । ସାମାଜିକ ମାନଚିତ୍ରରେ ଗ୍ରାମର ସାମାଜିକ ସ୍ଥିତି ଦର୍ଶାଯାଇଥାଏ (ବିଭିନ୍ନ ପଡ଼ା/ସାହି, ସ୍କୁଲ, ଧର୍ମପୀଠ, କୋଠାଘର ଇତ୍ୟାଦି) । ସମ୍ବଳ ମାନଚିତ୍ରରେ ଜଙ୍ଗଲ, ଜମି, ପୋଖରୀ ଆଦି ଗ୍ରାମର ସମ୍ବଳମାନ ସ୍ଥାନ ପାଇଥାଏ । ଜଳ ସମ୍ବଳ ମାନଚିତ୍ରରେ କେବଳ ଜଳାଶୟ ବା ଜଳଉତ୍ସମାନ (କୂଅ, ପୋଖରୀ, ନଦୀ, ନଳକୂଅ ଇତ୍ୟାଦି) ଦର୍ଶାଯାଇଥାଏ । ପରିମଳ ମାନଚିତ୍ରରେ ନାଳ, ନର୍ଦ୍ଦମା, ଆବର୍ଜନା କୁଣ୍ଡ, ମଳତ୍ୟାଗ ସ୍ଥାନ ଆଦି ଚିହ୍ନଟ କରାଯାଇଥାଏ । ଋତୁକାଳୀନ ମାନଚିତ୍ର ୩ଟି ହୋଇପାରେ (ଶୀତ, ଗ୍ରୀଷ୍ମ ଓ ବର୍ଷା ଋତୁ ଅନୁଯାୟୀ) ଏବଂ ଏଥିରେ କେଉଁ ଋତୁରେ କ'ଣ ହୋଇଥାଏ, ତା' ଦର୍ଶାଯାଇଥାଏ (ଯଥା: ଗ୍ରୀଷ୍ମ ଋତୁରେ ଯେଉଁ କ୍ଷେତ ଶୁଖିଲା ପଡ଼ିଛି ବର୍ଷା ଋତୁରେ ତାହା ଶସ୍ୟଶ୍ୟାମଳା ହୋଇଛି) । ଅବସ୍ଥିତି ମାନଚିତ୍ରରେ ନିକଟତମ ମୁଖ୍ୟ ସହର ତୁଳନାରେ ଗ୍ରାମର ଅବସ୍ଥିତି ଦର୍ଶାଯାଇଥାଏ ।

## ଜଳ ପଦଯାତ୍ରା (Water transact):

ଗ୍ରାମର ପ୍ରବେଶ ଦ୍ୱାର ଠାରୁ ଚାଲିବା ଆରମ୍ଭ କରି ବାଟରେ ପଡୁଥିବା ଜଳ ଉତ୍ସମାନ ଗୋଟିଏ ପରେ ଗୋଟିଏ ପର୍ଯ୍ୟବେକ୍ଷଣ କରିବା ସହିତ ପ୍ରତ୍ୟେକର ବିବରଣୀ ଖାତାରେ ଲେଖି ଗ୍ରାମର ଶେଷ ପର୍ଯ୍ୟନ୍ତ ଆସିବେ । ଏହା ଜଣେ କରିପାରନ୍ତି କିମ୍ବା ଗୋଟିଏ ଛୋଟ ଦଳ ମଧ୍ୟ କରିପାରେ । କି ପ୍ରକାର ବିବରଣୀ ଲେଖିବେ, ତା'ର ଏକ ତାଲିକା ପୂର୍ବରୁ ପ୍ରସ୍ତୁତ ଥିବା ଆବଶ୍ୟକ ।

## ସ୍ୱଚ୍ଛଳତା ବର୍ଗୀକରଣ (Well-being ranking):

ଏଥିରେ ଗ୍ରାମରେ କେଉଁମାନେ ଅତି ସ୍ୱଚ୍ଛଳ (ଧନୀ), କେଉଁମାନେ ମଧ୍ୟବିତ୍ତ, କେଉଁମାନେ ଗରିବ ଓ କେଉଁମାନେ ଅତି ଗରିବ– ତା'ର ବର୍ଗୀକରଣ ଅନୁଯାୟୀ ଘରମାନଙ୍କର ତାଲିକା କରାଯାଏ । ଏଥିରୁ ଜଣାପଡ଼େ ଯେ କେଉଁମାନଙ୍କୁ ପାଇଖାନା ତିଆରି ପାଇଁ ଆର୍ଥିକ ସହାୟତା ନିହାତି ଆବଶ୍ୟକ ଅଛି ଏବଂ କେଉଁମାନେ ବିନା ସହାୟତାରେ ନିଜ ଖର୍ଚ୍ଚରେ କରିପାରିବେ ।

## ସହାୟକ ତଥ୍ୟ ସଂଗ୍ରହ:

କିଛି ତଥ୍ୟ ସରକାରୀ କାର୍ଯ୍ୟାଳୟ ବା ପଞ୍ଚାୟତ କାର୍ଯ୍ୟାଳୟ ଆଦିରୁ ଆଣିବାକୁ ହୋଇପାରେ, ଯଥା: ବାର୍ଷିକ ବୃଷ୍ଟିପାତ ପରିମାଣ ।

## ଦାୟିତ୍ୱ ବିଶ୍ଳେଷଣ :

ଜଳ-ପରିମଳ-ପରିଚ୍ଛନ୍ନତା ନେଇ କାହାର ଦାୟିତ୍ୱ କ'ଣ, ତା' ବିଶ୍ଳେଷଣ କରି ଏକ ତାଲିକା ପ୍ରସ୍ତୁତ କରାଯାଇ ପାରେ । ଯଥା: ପଞ୍ଚାୟତର ଦାୟିତ୍ୱ ନଳକୂଅ ମରାମତି କରାଇବା, ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀଙ୍କ ଦାୟିତ୍ୱ ଆବଶ୍ୟକ ସଚେତନତା ସୃଷ୍ଟି କରିବା, ଗାଁ' କଲ୍ୟାଣ ସମିତିର ଦାୟିତ୍ୱ ଗ୍ରାମର ପରିଷ୍କାର ପରିଚ୍ଛନ୍ନତା ରକ୍ଷା ପାଇଁ ପଦକ୍ଷେପ ନେବା, ଜିଲ୍ଲା ପ୍ରଶାସନର ଦାୟିତ୍ୱ ଗ୍ରାମର ସମସ୍ୟା ସରକାରଙ୍କୁ ଜଣାଇବା ଏବଂ ବଡ଼ ପ୍ରକଳ୍ପମାନ ମଞ୍ଜୁର କରାଇବା, ଇତ୍ୟାଦି । ଏଥିରୁ ଜଣାପଡ଼ିବ ଯେ ନିଜ ନିଜ କର୍ତ୍ତବ୍ୟ କିଏ କେତେ ଦୂର କରୁଛନ୍ତି, ଏବଂ ଯଦି କରୁନାହାନ୍ତି ତା' ହେଲେ କ'ଣ ପଦକ୍ଷେପ ନିଆଯିବ ।

## ରୋଗ ବିଶ୍ଳେଷଣ :

ଗ୍ରାମରେ ମୁଖ୍ୟତଃ କେଉଁ ରୋଗମାନ ହୋଇଥାଏ ଏବଂ କେଉଁଟି ଦୂଷିତ ଜଳ ଯୋଗୁଁ, କେଉଁଟି ପରିମଳ ବ୍ୟବସ୍ଥାର ଅଭାବ ଯୋଗୁଁ ଓ କେଉଁଟି ପରିଚ୍ଛନ୍ନତାର ଅଭାବ ଯୋଗୁଁ ହୋଇଥାଏ, ସେ ସବୁ ଚିହ୍ନଟ କରାଯିବା ଉଚିତ । କାରଣ ଏଥିରୁ ଜାଣି ହେବ ଯେ ଗ୍ରାମବାସୀ ରୋଗଗ୍ରସ୍ତ ହେବାରେ ଜଳ, ପରିମଳ ଓ ପରିଚ୍ଛନ୍ନତାର ଭୂମିକା କ'ଣ ।

ଏହା ବ୍ୟତୀତ ଅନ୍ୟ ଯେଉଁ ପଦ୍ଧତି ସବୁ ଆବଶ୍ୟକ ମନେହେବ, ତା'କୁ ମଧ୍ୟ ଉପଯୋଗ କରାଯାଇ ପାରିବ । (Water transact)



# ଶୌଚାଳୟ ଓ ମଳକୁଣ୍ଡ ନିର୍ମାଣର ନୀତି ନିୟମ

ଶୌଚାଳୟ ଦୁଇ ପ୍ରକାର : ପରିଶ୍ରାଗାର ଏବଂ ପାଇଖାନା । ତେବେ ଅନେକ ସମୟରେ ଲୋକେ ସ୍ଥାନ ଅଭାବରୁ କିମ୍ବା ଖର୍ଚ୍ଚ କମାଇବା ପାଇଁ ଗୋଟିଏ ସ୍ଥାନରେ ତିନିଗୋଟି ବ୍ୟବସ୍ଥା କରିଥାନ୍ତି, ଅର୍ଥାତ୍ ଗାଧୋଇବା, ପରିଶ୍ରା କରିବା ଓ ମଳତ୍ୟାଗ କରିବା ।

ଶୌଚାଳୟର ମଇଳା ପାଣି ଯେଉଁ ପଥ ଦେଇ ବାହାରକୁ ଯିବ, ଚଟାଣର ଢାଲୁ (slope) ସଂପୂର୍ଣ୍ଣ ରୂପେ ସେଇ ଦିଗକୁ ହେବା ଦରକାର ; ନଚେତ ପାଣି ଜମି ରହେ ଏବଂ ଅସୁବିଧା ହୋଇଥାଏ । ତେଣୁ ରାଜମିସ୍ତ୍ରୀଙ୍କୁ ଏଇ ବିଷୟଟିକୁ ବିଶେଷ ରୂପେ ଧ୍ୟାନ ଦେବାକୁ ହେବ ।

ମାଟି ଉପରେ କୌଣସି ବଡ଼ ଚାପ ପଡ଼ିଲେ ପ୍ଲାଷ୍ଟିକ୍ ନଳ (ପାଇପ୍) ଫାଟି ଯିବାର ଆଶଙ୍କା ରହିଥାଏ, ଏବଂ ଫାଟିଯିବା ଅର୍ଥ ପ୍ରଦୂଷଣ ତଥା ଅନ୍ୟାନ୍ୟ ସମସ୍ୟା । ତେଣୁ ଯେଉଁଠି ପାଇପ ଫାଟିବାର ଆଶଙ୍କା ରହିଛି, ସେଠାରେ ଧାତବ ନଳ କିମ୍ବା ଅନ୍ୟ ବ୍ୟବସ୍ଥା କରିବା ଭଲ ।




ପାଇଖାନାରେ ଯେଉଁ ପ୍ୟାନ୍ ବା କମୋଡ଼ ବସାଯାଏ, ତା' ବିଭିନ୍ନ ପ୍ରକାରର ମିଳିଥାଏ । ଅଳ୍ପ ପାଣି ଢ଼ାଳିଲେ ସହଜରେ ପରିଷ୍କାର ହୋଇଯାଉଥିବା ଭଳି ତିଆରି ହୋଇଥିବା ପ୍ୟାନ୍ ବା କମୋଡ ଲଗାଯିବା ଉଚିତ । ଏ ପ୍ରକାର ପ୍ୟାନ୍ ବା କମୋଡ୍‌କୁ ଜଳସାଶ୍ରୟୀ (Water rating) ତାରକା ଚିହ୍ନ (୩ରୁ ୫ଟି) ମିଳିଥାଏ, ତେଣୁ ସେହି ତାରକା ଚିହ୍ନ ଦେଖି କିଣିହେବ । ତା'ସହିତ ଲାଗୁଥିବା ଜଳାଧାର ବା ସିଷ୍ଟର୍ଣ୍ଣ ମଧ୍ୟ ତଦନୁରୂପ ହେବା ଉଚିତ ଯେପରି ଅଯଥାରେ ଗୁଡ଼ାଏ ପାଣି ନଷ୍ଟ ନହୁଏ । ତେଣୁ ୧୦ ଲିଟର କ୍ଷମତାର ସିଷ୍ଟର୍ଣ୍ଣ ପରିବର୍ତ୍ତେ ୬ ଲିଟର କ୍ଷମତାର ଲଗାନ୍ତୁ । ପରିଶ୍ରା ପରେ ୬ ଲିଟର ପାଣି ଆବଶ୍ୟକ ନାହିଁ, ତେଣୁ ହୁଏତ ଅନ୍ୟ ପ୍ରକାରେ ୨ କିମ୍ବା ୩ ଲିଟର ପାଣି ଢାଳନ୍ତୁ କିମ୍ବା ଫ୍ଲସ୍‌କୁ ଚିପି ତୁରନ୍ତ ଛାଡ଼ି ଦିଅନ୍ତୁ ଯାହା ଫଳରେ ସମୁଦାୟ ପାଣି ଖର୍ଚ୍ଚହେବ ନାହିଁ । ଯଦି ୧୦ ଲିଟର କ୍ଷମତାର ସିଷ୍ଟର୍ଣ୍ଣ ଅଛି, ତେବେ ତା'ଭିତରେ ଖଣ୍ଡିଏ ଇଟା ରଖିଦିଅନ୍ତୁ ଯାହା ଫଳରେ ସେଥିରେ କମ ପାଣି ରହିବ ।

ଯେଉଁଠି ନିୟମିତ ଜଳ ଯୋଗାଣ ବ୍ୟବସ୍ଥା ନାହିଁ, ସେଠାରେ ପାଇଖାନା ବାହାରେ ପାଣିକୁଣ୍ଡକୁ ମାଟିଠାରୁ ପ୍ରାୟ ଦେଢ଼ ଫୁଟ ଉଚ୍ଚରେ ବସାନ୍ତୁ (ଯେପରି ସେଥିରେ ପାଣି ଭର୍ତ୍ତି କରିହେବ) । ଜଳସ୍ତର ଯେତେ ଉଚ୍ଚରେ ରହିବ, ତା'ର ଚାପ ବା ବେଗ ମଧ୍ୟ ସେତେ ପ୍ରଖର ହେବ । ବର୍ତ୍ତମାନ ସେଇ କୁଣ୍ଡରୁ ପାଇପ ଦ୍ୱାରା ପାଇଖାନା ଭିତରର ସିଷ୍ଟର୍ଣ୍ଣ ଓ ଶୌଚନଳକୁ ସଂଯୁକ୍ତ କରାଯାଇ ପାରିବ । ଉଲ୍ଲେଖଯୋଗ୍ୟ ଯେ ଶୌଚନଳ (health faucet) ଲଗାଇଲେ ବିଭିନ୍ନ ଦୃଷ୍ଟିରୁ ସୁବିଧା ହୋଇଥାଏ (ଯଦି ଜଳ ଯୋଗାଣ ବ୍ୟବସ୍ଥା ଥାଏ) । ପାଇଖାନା ବ୍ୟବହାର କରିବା ପୂର୍ବରୁ ସେଥିରେ କିଛି ପାଣି ଢାଳିଦେଲେ ମଧ୍ୟ ସୁବିଧା ହୋଇଥାଏ ।

ମିସ୍ତ୍ରୀ ପ୍ୟାନ୍ ବା କମୋଡକୁ ଯଦି ଠିକ୍ ଭାବେ ନ ବସାନ୍ତି (ଅର୍ଥାତ୍ ବଙ୍କା କରି ବସାନ୍ତି ବା ଅନ୍ୟ ଭୁଲ କରନ୍ତି), ତା'ହେଲେ ମଳ ନିଷ୍କାସନ ସହଜରେ ହୋଇ ନପାରି ଅଧିକ ଜଳ ଆବଶ୍ୟକ ପଡ଼ିଥାଏ । ପ୍ୟାନ୍‌କୁ ମଳକୁଣ୍ଡ (ପାଇଖାନା ଟାଙ୍କି) ସହିତ ଯୋଡ଼ିଥିବା ବର୍ଜ୍ୟନଳ (waste water pipe) ମଧ୍ୟ ଠିକ୍ ଭାବରେ ନ ବସାଇଲେ ସମସ୍ୟା ହୋଇଥାଏ ।


ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପାଇଖାନା ଟାଙ୍କି । ଏହା ଉଚିତ ଧରଣର ନହେଲେ ଏବଂ ଉଚିତ ନୀତିନିୟମରେ ତିଆରି ନହେଲେ ଭିତରେ ଥିବା ମଇଳା ପାଣି ବାହାରି ଆସି ଭୂତଳ ଜଳକୁ ପ୍ରଦୂଷିତ କରିବା ସହିତ ଅନ୍ୟାନ୍ୟ ବହୁ ସମସ୍ୟା କରିପାରେ । ସାଧାରଣତଃ ଏଭଳି ଟାଙ୍କି ୨ରୁ ୩ ବର୍ଷରେ ଥରେ ସଫା କରିବାକୁ ହୋଇଥାଏ । ବଡ଼ ସହରମାନଙ୍କରେ ଆଜିକାଲି ଟାଙ୍କି ସଫା

ଗାଡ଼ି ଡକାଯାଇ ଏହାକୁ ସହଜରେ ସଫା କରାଯାଇ ପାରୁଛି । ଟାଙ୍କି ତିଆରି ସମୟରେ ଭିତରେ ଓ ବାହାରେ ଉଚିତ ଭାଗମାପର ସିମେଣ୍ଟ ମସଲା ବ୍ୟବହାର କରି ଭିତରୁ ନ ଭେଦିବା (leaking) ପାଇଁ ବ୍ୟବସ୍ଥା କରାଯିବା ସହିତ ଟାଙ୍କି ଭରିଯିବାର ସମୟ ହୋଇ ଆସିଲେ କି ଲକ୍ଷଣ ଜଣା ପଡ଼ିଲେ ତୁରନ୍ତ ସଫା କରିବାର ବନ୍ଦୋବସ୍ତ କରିବା ଉଚିତ ।

ଭୂତଳ ଜଳ ସ୍ତର ଓ ନିକଟବର୍ତ୍ତୀ ଜଳଉତ୍ସ କେତେ ଦୂରରେ ରହିଛି, ତା'ଉପରେ ପାଇଖାନା ଟାଙ୍କିର ନିର୍ମାଣ ସ୍ଥାନ ଓ ପ୍ରକାର ବିଶେଷ ନିର୍ଭର କରେ । ଯଦି ବର୍ଷର ଯେ କୌଣସି ସମୟରେ (ବର୍ଷା ଋତୁ ସମେତ) ଭୂତଳ  ଜଳସ୍ତର ଓ ପାଇଖାନା ଟାଙ୍କିର ତଳ ସ୍ତର ଭିତରେ ବ୍ୟବଧାନ ୨ ମିଟର କିମ୍ବା କମ୍ ରହୁଥାଏ, ତା'ହେଲେ ଟାଙ୍କିକୁ ନିକଟସ୍ଥ ଜଳଉତ୍ସ ଠାରୁ ଅନ୍ତତଃ ୧୦ ମିଟର ଦୂରରେ କରିବା ଉଚିତ । ଭୂତଳ ଜଳସ୍ତର ଯେତେ ଗଭୀରରେ ରହିବ (ପାଇଖାନା ଟାଙ୍କିର ତଳ ସ୍ତର ଠାରୁ), ସେତେ ନିରାପଦ; ତେଣୁ ଯେଉଁଠି ଏଇ ବ୍ୟବଧାନ୨ ମିଟରରୁ ଅଧିକ, ସେଠାରେ ନିକଟତମ ଜଳଉତ୍ସ ୩ ମିଟର (ପ୍ରାୟ ୧୦ ଫୁଟ) ଦୂରରେ ଥିଲେ ଚଳିବ ।

କେନାଲ, ନଦୀ ଇତ୍ୟାଦି ପାଖରେ ଥିବା ମାଟିରେ ଭୂତଳ ଜଳ ସ୍ତର ବହୁ ଉପରେ ରହିଥାଏ; ତେଣୁ ସେଠାରେ ପାଇଖାନା ଓ ତା'ର ଟାଙ୍କିକୁ ଯଥେଷ୍ଟ ଉଚ୍ଚରେ କରାଯିବା ଉଚିତ ଯେହେତୁ ସେଠାରେ ଭୂତଳ ଟାଙ୍କି କରିବା ଉଚିତ ହେବ ନାହିଁ ବରଂ ମାଟି ଉପରେ କରିବାକୁ ହେବ । ଯେଉଁଠି ଏ ପ୍ରକାର ସମସ୍ୟା ନାହିଁ, ଏବଂ ଭୂତଳ ଜଳସ୍ତର ବର୍ଷା ଦିନେ ମଧ୍ୟ ଅନେକ ତଳେ ଥାଏ, ସେଠାରେ ଜଳରୁଦ୍ଧ ଟାଙ୍କି (leach pit) କରିବା ଭଲ । ଏ ପ୍ରକାର ଟାଙ୍କି ସବୁ ଦିଗରୁ ବନ୍ଦ ବା ଅବରୁଦ୍ଧ ଥାଏ, କେବଳ ତା' କାନ୍ଥରେ ଥିବା ଖୋପ ବା ଫାଙ୍କ ଦେଇ ମଇଳା ପାଣି ଚାରି ପାଖର ମାଟିରେ ଭେଦିଥାଏ । ଏହା ଖୁବ୍ ସୀମିତ ଥିବାରୁ ବିପଜ୍ଜନକ ନୁହେଁ, ବିଶେଷତଃ ଯେହେତୁ ଏହି ପାଣି ବାହାରକୁ ଉଠି ଆସି ନଥାଏ, ଏବଂ ଟାଙ୍କି ଭିତରର ମଳକୁ ଜୀବାଣୁମାନେ ବିଘଟିତ କରି ଦୁର୍ଗନ୍ଧରହିତ, ବ୍ୟବହାର ଉପଯୋଗୀ ଶୁଖିଲା ଖତରେ ପରିଣତ କରିଦିଅନ୍ତି । ଏହି ବିଘଟନ ଦ୍ୱାରା ଜମା ହୋଇଥିବା ମଳର ପରିମାଣ ଖୁବ୍ କମିଯାଏ । ସେପ୍ଟିକ୍ ଟାଙ୍କିରେ ଏପରି ସୁବିଧା ମିଳିନଥାଏ । ମଳର ପରିମାଣ କମିଯିବା ହେତୁ ଟାଙ୍କି ଭରିବା ପାଇଁ ୫/୬ ବର୍ଷ ବା ଅଧିକ ସମୟ ଲାଗିଥାଏ । ଦୁଇଟି ଟାଙ୍କି କଲେ ଗୋଟିଏ ଭରିବା ପରେ ଅନ୍ୟଟିକୁ ଖୋଲି ଦିଆଯାଏ । ଉଲ୍ଲେଖଯୋଗ୍ୟ ଯେ ଜଳରୁଦ୍ଧ ଟାଙ୍କି ଛୋଟ ଆକାରରେ ଭିତରର ବ୍ୟାସ ୧ମିଟର ଓ ଗଭୀରତା ମଧ୍ୟ ୧ମିଟର ଥାଇ ହେବା ଉଚିତ ଏବଂ ମାଟି ଉପରକୁ ପ୍ରାୟ ୬ରୁ ୧୦ ଇଞ୍ଚ ରହିବା ଉଚିତ ଯେପରିକି ବାହାରର ପାଣି ସେଥିରେ ପଶି ନ ପାରେ । ଭିତର କାନ୍ଥରେ ଥିବା ଫାଙ୍କମାନ ଛୋଟ ହେବା ଆବଶ୍ୟକ ଯେପରିକି ମୂଷା ଆଦି ପଶି ନ ପାରନ୍ତି । ତେବେ ମାଟି ଅତି ପଥୁରିଆ ଥିଲେ ଏ ପ୍ରକାର ଟାଙ୍କିରେ ମଇଳା ପାଣି ସେଥିରେ ଭେଦି ନ ପାରି ଭିତରେ ରହିଯିବ ଓ ସମସ୍ୟା କରିବ, ତେଣୁ ସେଭଳି କ୍ଷେତ୍ରରେ ଏ ଟାଙ୍କି ଉପଯୁକ୍ତ ନୁହେଁ ।

ମନେରଖିବାକୁ ହେବ ଯେ ଏହି ଜଳରୁଦ୍ଧ ଟାଙ୍କିରେ ବିଘଟନକାରୀ ଜୀବାଣୁ ରହିବା ଅତି ଆବଶ୍ୟକ, ତେଣୁ ଫିନାଇଲ୍ କିମ୍ବା ଅନ୍ୟ କୌଣସି ଉଗ୍ର ଜୀବାଣୁନାଶକ ପାଇଖାନାରେ ବ୍ୟବହାର କରାଯିବା ଉଚିତ ନୁହେଁ ।



# ଗ୍ରାମବାସୀଙ୍କ ନିକଟରୁ ସରପଞ୍ଚଙ୍କ ଉଦ୍ଦେଶ୍ୟରେ ଲେଖାଯିବାକୁ ଥିବା ପତ୍ରର ଏକ ନମୁନା

ପ୍ରାପ୍ତେଷୁ, ତାରିଖ:....................

ଶ୍ରୀଯୁକ୍ତ/ଶ୍ରୀଯୁକ୍ତା ସରପଞ୍ଚ ମହୋଦୟ/ମହୋଦୟା,

........................................ ଗ୍ରାମପଞ୍ଚାୟତ

................................................ ବ୍ଲକ୍

ଜିଲ୍ଲା....................................... (ଓଡ଼ିଶା)

ମହାଶୟ/ମହାଶୟା,

ଆମ୍ଭେ, ........................................................... ଗ୍ରାମର ଗ୍ରାମବାସୀ, ଏତଦ୍ୱାରା ଆମ୍ଭମାନଙ୍କ ଦ୍ୱାରା ପ୍ରସ୍ତୁତ ଗ୍ରାମ ଜଳ, ପରିମଳ ଓ ପରିଚ୍ଛନ୍ନତା ଯୋଜନା (ବର୍ଷ ୨୦....-....) ଆପଣଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଉଅଛୁ । ଆଶା କରୁ, ଆପଣ ଏଥିରେ ଥିବା ତଥ୍ୟକୁ ବ୍ୟବହାର କରି ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ତଥା ଅନ୍ୟାନ୍ୟ ସରକାରୀ ଯୋଜନାରେ ଆମର ଗ୍ରାମ ଲାଗି ଆବଶ୍ୟକ ପ୍ରକଳ୍ପ ଓ ସହାୟତା ମଞ୍ଜୁର କରାଇବା ସହିତ ସେଗୁଡ଼ିକୁ କାର୍ଯ୍ୟକାରୀ କରାଇ ଆମକୁ ଉପକୃତ କରିବେ ।

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ,

.................................... ଗ୍ରାମବାସୀ




ପରିମଳ ମାନଚିତ୍ରର ଏକ ନମୂନା । ଏ ପ୍ରକାର ମାନଚିତ୍ର କଲେ ଗ୍ରାମବାସୀ ଆତ୍ମସମୀକ୍ଷା ଲାଗି ବାଧ୍ୟ ହୁଅନ୍ତି କାରଣ ମଳତ୍ୟାଗ ଅଞ୍ଚଳ ଓ ନର୍ଦ୍ଦମା ଆଦି ମାନଚିତ୍ରରେ ଦେଖିଲେ ନିଜର ବଦଭ୍ୟାସ ଓ ଅବ୍ୟବସ୍ଥା ପ୍ରତି ଏକ ଘୃଣାଭାବ ଆସେ । ଖୋଲାରେ ମଳତ୍ୟାଗ ସଂପୂର୍ଣ୍ଣ ବର୍ଜନ କରିବାର ସଂକଳ୍ପ କରିବାର ପ୍ରେରଣା ମଧ୍ୟ ଏଥିରୁ ଆସିପାରେ ।




ବିଦ୍ୟାଳୟ ଭଳି ସର୍ବସାଧାରଣ ଅନୁଷ୍ଠାନମାନଙ୍କରେ ବାଳିକା/ମହିଳା ତଥା ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ରହିବା ଆବଶ୍ୟକ। କେବଳ ଶୌଚାଳୟ କରିଦେଲେ ହୁଏ ନାହିଁ କାରଣ ତା'ର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପରିଚାଳନା ବିନା ଏହା ବ୍ୟବହାର ଅନୁପଯୋଗୀ ହୋଇଯିବାର ଆଶଙ୍କା ଥାଏ । ଭିନ୍ନକ୍ଷମ ଶୌଚାଳୟରେ ବାଡ଼ ଲାଗିବା ଏକ ନିୟମ ଯେପରି ତା'କୁ ଧରି ଭିନ୍ନକ୍ଷମ ଭିତରକୁ ଯାଇପାରିବେ, କିନ୍ତୁ କି ପ୍ରକାରେ ଭିନ୍ନକ୍ଷମ, ତଦନୁଯାୟୀ ଅତିରିକ୍ତ ବ୍ୟବସ୍ଥା ମଧ୍ୟ କରାଯିବା ଉଚିତ, ବିଶେଷତଃ ଦୃଷ୍ଟିହୀନଙ୍କୁ ଜଣେ ସହାୟକ ଆବଶ୍ୟକ ହୋଇପାରନ୍ତି ।




ସ୍କୁଲରେ ବର୍ଷାଜଳ ଅମଳର ଏକ ଉନ୍ନତ ପ୍ରକଳ୍ପ




ଗ୍ରାମାଞ୍ଚଳରେ ଜଳ ପରିମଳର ବିକାଶ ପାଇଁ ସରକାର ଗ୍ରାମ ପଞ୍ଚାୟତକୁ ଅନେକ ଟଙ୍କା ଯୋଗାଇ ଦେଉଅଛନ୍ତି । ସେଇଭଳି ଏକ ଆର୍ଥିକ ଅନୁଦାନରେ ପଞ୍ଚାୟତ ଦ୍ୱାରା ନିର୍ମିତ ପାଣିର ଏ.ଟି.ଏମ୍ ଯାହା ଦ୍ୱାରା ବହୁଲୋକ ଉପକୃତ ହେଉଛନ୍ତି ଏବଂ ଏ.ଟି.ଏମ୍.ରେ ଜମା ହେଉଥିବା ଟଙ୍କା ରକ୍ଷଣାବେକ୍ଷଣ ବାବଦରେ ଖର୍ଚ୍ଚ ହେଉଛି । ଉଲ୍ଲେଖଯୋଗ୍ୟ ଯେ, ଏଥିରେ ଜଳ ବିଶୋଧନ ଉପକରଣ ମଧ୍ୟ ଲାଗିଛି ଯେପରିକି ଜନସାଧାରଣ ଶୁଦ୍ଧ ପାନୀୟ ଜଳ ପାଇପାରିବେ । ଗୋଷ୍ଠୀ ଜଳ ବିଶୋଧନ ଉପକରଣ ଲଗାଇବା (ଅନ୍ତଃଚିତ୍ର) ଗରିବ ଗ୍ରାମବାସୀଙ୍କ ପାଇଁ ସୁବିଧାଜନକ ।

Celebrating 25 YEARS
RCDC

ସହାୟତା: Chola
Enter a better life

ଜନଶିକ୍ଷଣ ପୁସ୍ତିକା ରୂପେ ଆର୍‌ସିଡିସି ଦ୍ୱାରା ପ୍ରକାଶିତ ଓ ନିଃଶୁଳ୍କ ବିତରିତ